ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
RNI Regd. No. :ODIMUL/2023/89182
Weekly Multilingual Rs - 5.00
ଭାଗ: ୩, ସଂଖ୍ୟା: ୩, ଭୁବନେଶ୍ୱର, ଡିସେମ୍ବର ୮- ଡିସେମ୍ବର ୧୪, ୨୦୨୫, Vol: 3, Issue: 3, Bhubaneswar, December 8- December 14, 2025 Pages- 8

ପୃଷ୍ଠା ୪ ସମ୍ପାଦକୀୟ : ଶୁଭ ନା ଅଶୁଭ
ପୃଷ୍ଠା ୮ ଜିଲ୍ଲା ମେଡିକାଲ୍ କଲେଜ ରଣପୁର ବ୍ଲକରେ କରାଯିବା ପାଇଁ ଦାବି

# ଗଣ, ଗଣତନ୍ତ୍ର ଓ ଗଣମାଧ୍ୟମ

**ବିମଳ ଅଗ୍ରୱାଲ**

ଶହ ଶହ ବର୍ଷର ବିଦେଶୀ ଶାସନରୁ ମୁକ୍ତ ହେବା ପରେ ଭାରତବର୍ଷର ତତ୍କାଳୀନ ନେତୃବୃନ୍ଦ ଆମ ଦେଶ ପାଇଁ ଏକ ଗଣତାନ୍ତ୍ରିକ ଶାସନ ପଦ୍ଧତିର ବ୍ୟବସ୍ଥା କରିଥିଲେ। ଏହି ବ୍ୟବସ୍ଥାରେ ଗଣମାନଙ୍କୁ ହିଁ ପ୍ରାଧାନ୍ୟ ଦିଆଯାଇଥିଲା, ଯାହା ସମ୍ବିଧାନର ପ୍ରସ୍ତାବନାର ପ୍ରଥମ ବାକ୍ୟ "We the people of India ... ... Adopt, enact and give to ourselves this constitution"ରେ ପ୍ରତିଫଳିତ। ଏହି ସମ୍ବିଧାନର ପ୍ରତ୍ୟେକ ଅଂଶ ଓ ଧାରା ଗଣଙ୍କ ଅଧିକାରର ସୁରକ୍ଷା ପାଇଁ ଅଭିପ୍ରେତ। ପ୍ରସ୍ତାବନାରେ "Assuring the dignity of the individual" (ବ୍ୟକ୍ତିର ମର୍ଯ୍ୟାଦା ରକ୍ଷା)ର ଘୋଷଣା ସହ ତୃତୀୟ ଭାଗରେ Fundamental Rights (ମୌଳିକ ଅଧିକାର), ଚତୁର୍ଥ ଭାଗରେ Directive Principle of State Policy (ରାଷ୍ଟ୍ର ପରିଚାଳନା ପାଇଁ ନୀତି ନିର୍ଦ୍ଦେଶ), ଭାରତର ଜନଗଣଙ୍କ ସମ୍ମାନ ଓ ସୁରକ୍ଷା ନିମିତ୍ତ ଉଦ୍ଦିଷ୍ଟ। Universal Adult Franchise ସାର୍ବଜନୀନ ସାବାଳକ ଭୋଟ ଅଧିକାର, Equality before law & equal protection of the law ସମାନତାର ଅଧିକାର ଆଦି ନିୟମ ଆମ ସମ୍ବିଧାନର ବ୍ୟକ୍ତି ସ୍ୱତନ୍ତ୍ରତା ପ୍ରତି ସମର୍ପଣ ଭାବର ସୂଚନା ଦିଏ। ସମ୍ବିଧାନ କେବଳ ଜନଗଣଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିନାହିଁ ବରଂ ଏହାର ସୁରକ୍ଷଣ ଏବଂ ସଂରକ୍ଷଣ ନିମିତ୍ତ ସଂସଦ, ନ୍ୟାୟାଳୟ, ପୁଲିସ ଓ ସୈନ୍ୟବାହିନୀ, ଡାକ୍ତରଖାନା ଓ ବିଦ୍ୟାଳୟ ବିଭିନ୍ନ ଅନୁଷ୍ଠାନର ବ୍ୟବସ୍ଥା ମଧ୍ୟ କରିଛି। Rule of law ବା (ଆଇନର ଶାସନ) ପ୍ରତିଷ୍ଠା ଦ୍ୱାରା ଗଣ ଅଧିକାରର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇଛି। ଆମ ସଂସଦୀୟ ଶାସନ ବ୍ୟବସ୍ଥାର ପ୍ରଣୟନ କରାଯାଇ ଶାସନକୁ ସଂସଦ ଏବଂ ପରୋକ୍ଷରେ ଲୋକମାନଙ୍କ ନିକଟରେ ଉତ୍ତରଦାୟୀ କରିବାର ପ୍ରଚେଷ୍ଟା କରାଯାଇଛି। ସେହିଭଳି ଶାସନରେ ସ୍ୱେଚ୍ଛାଚାରିତା ରୋକିବା ନିମନ୍ତେ ବିଭିନ୍ନ ନ୍ୟାୟାଳୟ, ଇ.ଡି, ସି.ବି.ଆଇ ଭଳି ବିଭିନ୍ନ Autonomous Institution ବା ସ୍ୱତନ୍ତ୍ର / ସ୍ୱାୟତ୍ତ ସଂସ୍ଥାମାନଙ୍କର ଅବତାରଣା ପ୍ରଣିଧାନଯୋଗ୍ୟ। ତେବେ ଏକ ସାର୍ବଭୌମତ୍ୱ ସମ୍ପନ୍ନ ଗଣରାଜ୍ୟ ଭାବେ ସାମ୍ବିଧାନିକ ଶାସନ ବ୍ୟବସ୍ଥା ଗ୍ରହଣ କରିବାର ସାତ ଦଶକ ପରେ ମଧ୍ୟ ଆମ ଗଣତନ୍ତ୍ର କେତେ ସଫଳ କିମ୍ବା ବିଫଳ ତାହା ଆଲୋଚନା କରିବା ନିଶ୍ଚିତ ଜରୁରୀ। ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ଦେଶର ଗଣମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଯୋଗ୍ୟତା ଓ ନିଷ୍ଠା ଉପରେ ନିର୍ଭର କରେ। ଯଦିଓ ଆମ ଦେଶରେ ଜନ ପ୍ରତିନିଧିମାନଙ୍କ ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ବାଧ୍ୟବାଧକତା ନାହିଁ। ରାଜନୈତିକ ଦଳମାନେ ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ କଲାବେଳେ ଏହି ଦିଗଟି ସହିତ ଆଗ୍ରହୀ ପ୍ରାର୍ଥୀଙ୍କର ସାଙ୍ଗଠନିକ ଦକ୍ଷତା ଓ ସାମାଜିକ ପ୍ରତିବଦ୍ଧତା ଉପରେ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି।

ଦେଶର ପଞ୍ଚସ୍ତରୀ ବର୍ଷର ଗଣତନ୍ତ୍ରର ଯାତ୍ରା ଉପରେ ଆଲୋକପାତ କଲାବେଳେ ଅନେକ ନିରାଶାବୋଧ ଅନୁଭବ ହୁଏ। ଦଳମାନେ କ୍ରମଶଃ ବିଚାରଧାରା ଅପେକ୍ଷା ବ୍ୟକ୍ତିକୈନ୍ଦ୍ରିକ ହୋଇ ଯାଉଛନ୍ତି। ଏହି କାରଣରୁ ପ୍ରାର୍ଥୀମାନଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ବିଚାରଧାରା କିମ୍ବା ସମାଜ ପ୍ରତି ପ୍ରତିବଦ୍ଧତା ହ୍ରାସ ପାଉଛି। କଳେ ବଳେ କୌଶଳେ ନିର୍ବାଚନ ଜିତିପାରିବା ପ୍ରାର୍ଥିତ୍ୱର ମୁଖ୍ୟ ମାପକାଠି ହେଉଛି। ଏହି କାରଣରୁ ନିର୍ବାଚନକୁ ଭୟ କିମ୍ବା ପ୍ରଲୋଭିତ କରି ପ୍ରଭାବିତ କରିପାରୁଥିବା ପ୍ରାର୍ଥୀଙ୍କର ସଂଖ୍ୟାରେ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଏହା ରାଜନୀତିରେ ଅପରାଧିକରଣକୁ ପ୍ରୋତ୍ସାହିତ କରୁଛି। ଭାରତରେ ନିର୍ବାଚନର ବିଭିନ୍ନ ପଦ୍ଧତିକୁ ଅନୁଧ୍ୟାନ କରୁଥିବା ସଂସ୍ଥା Association for Democratic Reform (ADR)ର ତଥ୍ୟ ଅନୁଯାୟୀ ୨୦୨୪ ସାଧାରଣ ନିର୍ବାଚନରେ ସଂସଦକୁ ନିର୍ବାଚିତ ୪୬% (୫୪୩ରୁ ୨୫୧) ସଭ୍ୟଙ୍କ ବିରୋଧରେ ଅପରାଧିକ ମାମଲା ବିଚାରାଧୀନ ଅଛି। ସେଥିମଧ୍ୟରୁ ୩୧% ବା ୧୭୦ ଜଣଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ମହିଳାଙ୍କୁ ଶୋଷଣ, ଅନୈତିକ ସମ୍ପତ୍ତି ଠୁଳ ଆଦି ସଙ୍ଗିନ୍ ଶ୍ରେଣୀର ଫୌଜଦାରୀ ମାମଲା ଅଛି। ୧୭ତମ ସଂସଦରେ ଏହି ସଂଖ୍ୟା ପ୍ରାୟ ୩% କମ ଥିଲା। ନିର୍ବାଚନ ଆୟୋଗଙ୍କ ନିକଟରେ ପ୍ରାର୍ଥୀମାନଙ୍କ ଦ୍ୱାରା ଦାଖଲ ସତ୍ୟପାଠ ଅନୁଯାୟୀ କେନ୍ଦ୍ର ମନ୍ତ୍ରୀମଣ୍ଡଳର ୭୨ ଜଣ ସଦସ୍ୟଙ୍କ ମଧ୍ୟରୁ ୨୯ ଜଣ (୪୦%) ଅପରାଧିକ ମାମଲା ଏବଂ ପ୍ରାୟ ୧୯ ଜଣଙ୍କ (୨୭%) ନାମରେ ସଙ୍ଗିନ୍ ମାମଲା ଅଛି। ଆନ୍ଧ୍ର, କର୍ଣାଟକ, ତାମିଲନାଡୁ, ତେଲେଙ୍ଗାନା, ପୁଡୁଚେରୀ, ବିହାର, ଓଡିଶା, ଦିଲ୍ଲୀ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଭଳି ଦଶଟି ରାଜ୍ୟ ମନ୍ତ୍ରୀମଣ୍ଡଳର ୬୦% ସଦସ୍ୟଙ୍କର ଅପରାଧିକ ପୃଷ୍ଠଭୂମି ରହିଛି। ସେହିଭଳି ନିର୍ବାଚନକୁ ପ୍ରଭାବିତ କରିବାକୁ ବାହୁବଳ ସହିତ ଧନବଳର ମଧ୍ୟ ବ୍ୟାପକ ଦୁରୁପଯୋଗ କରାଯାଉଛି। ଏଥିରେ ସ୍ୱଚ୍ଛତା ପାଇଁ ନିର୍ବାଚନରେ ପ୍ରାର୍ଥୀ ଓ ଦଳମାନଙ୍କ ପାଇଁ ପାଣ୍ଠି ଖର୍ଚ୍ଚର ସୀମା ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ଏହାର ଖୁଲମଖୁଲା ଉଲଘଂନ ହେଉଛି। ଦଳମାନେ ନିଜ ପାଣ୍ଠିର ବିବରଣୀ ଦେବାର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ପାଣ୍ଠିର ଉତ୍ସକୁ ସମସ୍ତ ଦଳ ଆଇନର ଗଳା ବାଟରେ ଲୁଚାଉଛନ୍ତି। ବର୍ତ୍ତମାନ ବ୍ୟବସ୍ଥାରେ ୨୦୦୦ ପର୍ଯ୍ୟନ୍ତ ଚାନ୍ଦା ଦେଉଥିବା ବ୍ୟକ୍ତି କିମ୍ବା ସଂସ୍ଥାନର ପରିଚୟ ପ୍ରକାଶ ବାଧ୍ୟତାମୂଳକ ନଥିବାରୁ ରାଜନୈତିକ ଦଳମାନେ ପ୍ରାୟ ୯୩% ପାଣ୍ଠି ଅଜଣା ଉତ୍ସରୁ ଆୟ କରିବା ଦର୍ଶାଉଛନ୍ତି। ସେହିଭଳି Electoral Bondର ଉତ୍ସକୁ ସାର୍ବଜନୀନ କରିବାପାଇଁ ନିର୍ଦ୍ଦେଶ ପରେ ସରକାରୀ ଦଳମାନଙ୍କ ଦ୍ୱାରା ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଲାଭ ଦିଆଯାଇ ବିଭିନ୍ନ କର୍ପୋରେଟ୍ ସଂସ୍ଥାମାନଙ୍କଠାରୁ ବେଆଇନ ଚାନ୍ଦା ଆଦାୟ କରାଯାଇଥିବାର ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ଏହିପ୍ରକାର ଧନବଳ ଓ ବାହୁବଳଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ସମାଜର ସମସ୍ୟା ସହିତ ଜଡିତ ନଥିବାରୁ ସଂସଦରେ ଏ ସମ୍ପର୍କରେ ସାର୍ଥକ ଆଲୋଚନା ହୋଇ ପାରୁନାହିଁ। ଉଭୟ ସରକାରୀ ଓ ବିରୋଧିଦଳ ସଂସଦ ଆଲୋଚନାରେ ଗତିରୋଧ ସୃଷ୍ଟି କରୁଛନ୍ତି।



ପଚାଶ ଦଶକରେ ସଂସଦରେ ବାର୍ଷିକ ୧୨୦ ଦିନ ବୈଠକ ବସୁଥିବା ବେଳେ ବର୍ତ୍ତମାନ ଏହା ପଚାଶରୁ ଷାଠିଏ ଦିନ ମଧ୍ୟକୁ ଖସି ଆସିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବ୍ରିଟେନ ସଂସଦ ବର୍ଷରେ ୧୫୦-୧୭୦ ଏବଂ ଆମେରିକା କଂଗ୍ରେସ ବର୍ଷରେ ପ୍ରାୟ ୨୫୦ ଦିନ ବୈଠକ କରନ୍ତି। ସେହିପରି ହୋ-ହାଲ୍ଲା ଓ ବିଶୃଙ୍ଖଳା ଯୋଗୁଁ ପ୍ରଶ୍ନକାଳର ସମୟ କମି ଆସୁଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଇନ ବିନା ଆଲୋଚନା କିମ୍ବା ନାମକୁ ମାତ୍ର ଆଲୋଚନାରେ ପାରିତ ହୋଇ ଯାଉଛି। ୨୦୨୩ ବଜେଟ ଅଧିବେଶନରେ ପ୍ରାୟ ୯୦% ବଜେଟ ପ୍ରାବଧାନ ବିନା ଆଲୋଚନାରେ ପାରିତ ହୋଇଥିବା ରିପୋର୍ଟ କହୁଛି। ସଂସଦୀୟ କମିଟିମାନେ ମଧ୍ୟ ଠିକ ରୁପେ କାର୍ଯ୍ୟ କରୁନାହାନ୍ତି କିମ୍ବା ତାଙ୍କ ପରାମର୍ଶ ଗ୍ରହଣ କରାଯାଉନାହିଁ। ଆଲୋଚନାର ଏହି ଅଭାବ ସରକାରଙ୍କୁ ଉତ୍ତରଦାୟୀତ୍ୱରୁ ମୁକ୍ତ କରିଦେଉଛି। ନିର୍ବାଚନ ଆୟୋଗ, ବିଧି ଆୟୋଗ ଏବଂ NCRWC (National Commission for Review the Working of the Constituion) ସଂସଦମାନଙ୍କ ଆଚରଣରେ ସୁଧାର ଆଣିବା ପାଇଁ ଅନେକ ସୁପାରିଶ କରିଥିଲେ ମଧ୍ୟ ସେଗୁଡିକ କାର୍ଯ୍ୟକାରୀ କରାଯାଇପାରୁ ନାହିଁ। ସଂସଦୀୟ କାର୍ଯ୍ୟ ପ୍ରଣାଳୀରେ ଏହି ଅସଙ୍ଗତି ନ୍ୟାୟପାଳିକାର ଭୁମିକାକୁ ସକ୍ରିୟ କରୁଛି IADR vs Union of India, Pick vs Union of India, Lily Thomas vs Union of India ଭଳି ଅନେକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ନ୍ୟାୟାଳୟ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କୁ ଉତ୍ତରଦାୟୀ କରିବାକୁ ଉଦ୍ୟମ କରିଛନ୍ତି।ନ୍ୟାୟପାଳିକାର ସକ୍ରିୟତା ଦୁଇ ଶାଖା ମଧ୍ୟରେ ସଂଘର୍ଷ ସୃଷ୍ଟି କରୁଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଆଉ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଦେଶର ଗଣମାଧ୍ୟମ। ଏହା ଦେଶର ଅସଂଖ୍ୟ ଅଶିକ୍ଷିତ ଓ ଅସମର୍ଥ ଗଣଙ୍କର ଆଶା ଓ ଆକାଂକ୍ଷାର ସ୍ୱର ହୋଇ ଶାସକଙ୍କୁ ଦାୟୀତ୍ୱବାନ୍ କରିବା ଦିଗରେ ସଚେତନ କରାଏ। ସରକାର ଓ ସାଧାରଣଙ୍କ ମଧ୍ୟରେ ସେତୁ ରୁପେ କାର୍ଯ୍ୟ କରେ। କିନ୍ତୁ ଗଣମାଧ୍ୟମ ଶିଳ୍ପର ମାନ୍ୟତା ପାଇବାପରେ ଏହା ଏକ ବ୍ୟବସାୟରେ ପରିଣତ ହେଉଛି। ପ୍ରତ୍ୟେକ ବ୍ୟବସାୟ ଭଳି ଏହାର ମାଲିକମାନେ ବ୍ୟକ୍ତିଗତ ଲାଭ ପାଇଁ ସରକାରଙ୍କ ପୃଷ୍ଠପୋଷକତା ପାଇବାପାଇଁ ବ୍ୟଗ୍ର ରହୁଛନ୍ତି। ଫଳରେ ସରକାରଙ୍କର ନୀତିରେ ଦୋଷ ଦୁର୍ବଳତା ଖୋଜି ଏହାକୁ ସମାଜ ଓ ବ୍ୟକ୍ତିଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ପରିବର୍ତ୍ତେ ସରକାରର ପ୍ରଚାରତନ୍ତ୍ର ପାଲଟିବାକୁ ଶ୍ରେୟ ମଣୁଛନ୍ତି।

ଆନ୍ତର୍ଜାତିକ ସଂସ୍ଥା Reporters Without Bordersର ତଥ୍ୟ ଅନୁଯାୟୀ ବର୍ତ୍ତମାନ Press Freedom Indexରେ ଭାରତର ସ୍ଥାନ ୧୮୦ ଦେଶଙ୍କ ମଧ୍ୟରୁ ୧୫୯। ୨୦୦୩ ବେଳକୁ ଏହି ସ୍ଥାନ ୧୦୦ ମଧ୍ୟରେ ଥିଲା। ଦେଶର ସ୍ୱାଧୀନତା ଆନ୍ଦୋଳନ ସମୟରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ସକାରାତ୍ମକ ଓ ପ୍ରଭାବୀ ଥିଲା। ଗୋଟିଏ ଦେଶରେ ଗଣତନ୍ତ୍ରର ସଫଳତା ଅନେକ ପରିମାଣରେ ସେହି ଦେଶର ନିର୍ବାଚନ ବ୍ୟବସ୍ଥା ଉପରେ ନିର୍ଭର କରେ। ଯଦିଓ ଭାରତ ୧୮ ଗୋଟି ସାଧାରଣ ନିର୍ବାଚନ ସଫଳତାର ସହ ପରିଚାଳନା କରି ସାରିଲାଣି ଏବଂ ଲୋକସଂଖ୍ୟା ଦୃଷ୍ଟିରୁ ଏହା ପୃଥିବୀର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏବେ ଦେଶର ସମସ୍ତ ବିରୋଧିଦଳ ନିର୍ବାଚନ ଓ ନିର୍ବାଚନ ଆୟୋଗଙ୍କ ଭୂମିକାକୁ ସନ୍ଦେହ କରୁଛନ୍ତି। ଏହାକୁ ନେଇ ଦ୍ୱନ୍ଦ ଉପୁଜିଲାଣି। ତେବେ ଗଣତନ୍ତ୍ର ଯେହେତୁ ଗଣମାନଙ୍କ ଦ୍ୱାରା ଏବଂ ଗଣମାନଙ୍କ ପାଇଁ ଏହାର ସଫଳତା ଗଣମାନଙ୍କର ସ୍ୱଚ୍ଛତା ଏବଂ ସକ୍ରିୟତା ଉପରେ ନିର୍ଭର କରେ। ଆମ ସମ୍ବିଧାନ ନାଗରିକମାନଙ୍କ ଅଧିକାର ସହିତ କିଛି କର୍ତ୍ତବ୍ୟ ଗୁଡିକର ନିଷ୍ଠାର ସହ ସମ୍ପାଦନ କରିବାକୁ ପଡିବ। ବାସ୍ତବରେ ଏହା କୁହାଯାଇଛି ଯେ Eternal vigilance is the price of liberty, ସ୍ୱାଧୀନତା ଉପଭୋଗ କରିବା ପାଇଁ ସତତ ଜାଗରୁକ ରହିବାକୁ ପଡିବ।

(ମତାମତ ଲେଖକଙ୍କ ନିଜସ୍ୱ)

# ମଣ୍ଡି ଖୋଲିନି : ଗାଁ ଗାଁରେ ମାତିଲେଣି ଦଲାଲ

**କାକଟପୁର (ଭିଓଭି) :** ଧାନ କଟା ଅଧା ହେଲାଣି । କିଛି ଦିନ ହେଲା କୋହଲା ପାଗ ଓ ହାଲୁକା ବର୍ଷାକୁ ନେଇ ଚାଷୀମାନେ ସାମାନ୍ୟ ଚିନ୍ତାରେ ଅଛନ୍ତି । କିନ୍ତୁ ମଣ୍ଡି ଖୋଲିବାକୁ ନେଇ ସେମାନଙ୍କ ଚିନ୍ତା ଅଧିକ ରହିଛି । ଜାନୁଆରୀ ମାସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଧାନ ମଣ୍ଡି ଖୋଲାଯିବ ବୋଲି ପ୍ରଶାସନିକ ସ୍ତରରେ ସୂଚନା ମିଳୁଛି । ମଣ୍ଡି ଖୋଲିବା ପରେ ଟୋକନ ପାଇଁ ଧାନ ବିକ୍ରି କରିବାକୁ ଚାଷୀମାନଙ୍କୁ ଆଉ କିଛି ଦିନ ଅଧିକ ସମୟ ଲାଗିପାରେ । ଏହା ଛଡା ଧାନ ଅମଳ ବେଳେ ବର୍ତ୍ତମାନ ଭଳି ପାଗ ରହିଲେ କିମ୍ବା ବର୍ଷା ହେଲେ ଧାନ ନଷ୍ଟ ହୋଇଯାଇ ଏହାର ରଙ୍ଗ ଖରାପ ହେବାର ଆଶଙ୍କା ରହିଛି । ଏହାକୁ ବିକ୍ରି କରିବାରେ ମଧ୍ୟ ସମସ୍ୟା ହୋଇପାରେ । ଅନ୍ୟ ପଟେ ସରକାର ମନା କରୁଥିଲେ ବି କଟନି ଛଟନି ହୋଇପାରେ ବୋଲି ମଧ୍ୟ ଚାଷୀମାନେ ଆଶଙ୍କା କରୁଛନ୍ତି । ସେହିପରି ମଣ୍ଡି ଖୋଲିବା ବିଳମ୍ବ ହେଲେ ଚାଷୀମାନେ ଖୋଲା ବଜାରରେ ବ୍ୟବସାୟୀମାନଙ୍କୁ ଶସ୍ତାରେ ଧାନ ବିକ୍ରି କରିବାକୁ ବାଧ୍ୟ ହେବେ । ଏମିତି ପ୍ରାୟ ପ୍ରତିବର୍ଷ ହୋଇଥାଏ । ଗତ ଖରିଫ ଋତୁରେ ମଧ୍ୟ ଚାଷୀମାନେ ବ୍ୟବସାୟୀଙ୍କୁ କମ୍ ଦରରେ ଧାନ ବିକ୍ରି କରିଛନ୍ତି । ଗତ କିଛି ମାସ ତଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ସଅଳ କିସମ ଧାନ କୁଇଣ୍ଟାଲ ପ୍ରତି ମାତ୍ର ୧୬ଶହରୁ ୧୭ଟଙ୍କାରେ ଚାଷୀ ବିକ୍ରି କଲେ । ମଣ୍ଡି ଖୋଲିନଥିବାରୁ ଏବଂ ବେଗୁନିଆବସ୍ତ ଗ୍ରାମର ଚାଷୀ ଜମିରେ ଶୀତ ଦିନିଆଁ ପନିପରିବା ଚାଷ କରିବା ପାଇଁ ଅର୍ଥର ଆବଶ୍ୟକତା ରହିଥିବାରୁ ଚାଷୀ ବାଧ୍ୟ ହୋଇ କମ୍ ଦରରେ ଧାନ ବିକ୍ରି କରିଥିଲେ । ମିଲରମାନେ ସିଧାସଳଖ ଧାନ କିଣିପାରିବେ ନାହିଁ ବୋଲି ସରକାର ନିୟମ କରିଛନ୍ତି । ସମବାୟ ସମିତିଗୁଡିକ ଚାଷୀଙ୍କଠାରୁ ଧାନ କିଣି ନିଜ ଗୋଦାମରେ ରଖିପାରିବେ ନାହିଁ । ଧାନ ମଣ୍ଡିରୁ ଯେଉଁ ଦିନ ଗାଡି ଆସିବ, ସେହିଦିନ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ମଧ୍ୟ ନିୟମ ହୋଇଛି । ଯଦି ଗାଡି ପଠାଇବା ବ୍ୟବସ୍ଥିତ ନହୁଏ, ତାହାହେଲେ ଚାଷୀମାନେ ଟୋକନ ପାଇଁ ଧାନ ବିକ୍ରି କରିବାରେ ସମସ୍ୟା ହୋଇପାରେ ବୋଲି ବହୁ ଅଗ୍ରଣୀ ଚାଷୀ ମତ ଦେଇଛନ୍ତି । ପୂର୍ବରୁ ମଧ୍ୟ ଚାଷୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟ ସରକାର ବଦଳିବା ପରେ ଧାନ ଚାଷୀମାନଙ୍କୁ କୁଇଣ୍ଟାଲ ପ୍ରତି ୮ଶହ ଟଙ୍କାର ବୋନସ ଘୋଷଣା କରିବା ପରେ ଚାଷୀମାନଙ୍କ ମଧ୍ୟରେ ଆଶା ସଂଚାର ହୋଇଛି । ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହେଲେ ଚାଷୀଙ୍କର ଏହି ଆଶା ଆଶାରେ ରହିଯିବ । ଚାଷୀମାନେ ବ୍ୟବସାୟୀଙ୍କୁ ଶସ୍ତାରେ ଧାନ ବିକ୍ରି କରି ଆର୍ଥିକ କ୍ଷତି ସହିବେ । ତେଣୁ ଯଥାଶୀଘ୍ର ଧାନ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବୀ କରିଛନ୍ତି ।



**କଟ୍‌ନି ଛଟ୍‌ନି ଭୟରେ ଆଗୁଆ ଧାନ ବିକ୍ରି**

# ଶିକ୍ଷାଦାନ ବ୍ୟାହତ ପ୍ରତିବାଦରେ ଛାତ୍ରଛାତ୍ରୀଙ୍କ ଧାରଣା



**ଡେରାବିଶ (ଭିଓଭି) :** ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ପଲ୍ଲୀରଘୁନାଥପୁର ହନୁମାନଜୀଉ ଉ:ପ୍ରା ବିଦ୍ୟାଳୟରେ ଶିକ୍ଷାଦାନରେ ବ୍ୟାଘାତ କାରଣରୁ ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ପ୍ରତିବାଦରେ ଶୁକ୍ରବାର ବିଦ୍ୟାଳୟ ଫାଟକ ସମ୍ମୁଖରେ ଶ୍ରେଣୀ ବର୍ଜନ କରି ଛାତ୍ରଛାତ୍ରୀମାନେ ଧାରଣାରେ ବସିଥିଲେ । ସୂଚନା ରୁ ପ୍ରକାଶ ଯେ ଏହି ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ପରିତାପର ବିଷୟ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନଥିବା ସ୍ଥଳେ ମାତ୍ର ୪ ଜଣ ଶିକ୍ଷକରେ ଏହି ବିଦ୍ୟାଳୟରେ ଶିକ୍ଷାଦାନ ଚାଲିଛି । ବହୁ ସମୟରେ ଉକ୍ତ ୪ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଦୁଇଜଣ ଶିକ୍ଷକ ଛୁଟିରେ ରହିବା କାରଣରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ହୋଇପାରୁନାହିଁ ।ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ କୁମାର ଜେନାଙ୍କ ନେତୃତ୍ୱରେ ସଭ୍ୟ ସଭ୍ୟା ମାନେ ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ଶିକ୍ଷାଧିକାରୀ ଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ଏହା ପରିବର୍ତ୍ତେ ସେଠାରେ ନୂଆକରି ଯୋଗଦେଇଥିବା ଜଣେ ଶିକ୍ଷକଙ୍କୁ ପୁନଃଶ୍ଚ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏହାର ପ୍ରତିବାଦରେ ଆଜି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଏହି ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ଏ ସମ୍ପର୍କରେ ସହକାରୀ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକଙ୍କୁ ପଚାରିବାରୁ ଉକ୍ତ ସମସ୍ୟାର ସମାଧାନ ଖୁବଶୀଘ୍ର ହେବ ବୋଲି କହିଛନ୍ତି । ପରିଚାଳନା କମିଟି ଓ ଅଭିଭାବକ ମାନଙ୍କ ସହିତ ଆଲୋଚନା କରାଯାଇ ଖୁବଶୀଘ୍ର ଆବଶ୍ୟକ ସଂଖ୍ୟକ ଶିକ୍ଷକ ଦିଆଯିବାର ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ଦିଆଯାଇଥିବା ସହକାରୀ ଶିକ୍ଷାଧିକାରୀ ଶ୍ରୀ ନାୟକ କହିଛନ୍ତି ।

**ଗଞ୍ଜେଇ ଜବତ କରି ବିକିଦେଲେ**

# ଥାନାଧିକାରୀ ନିଲମ୍ବିତ

**ଫୁଲବାଣୀ (ଭିଓଭି) :** ଜବତ ଗଞ୍ଜେଇ ହେରଫେର କରିଥିବା ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି ଫୁଲବାଣୀ ସଦର ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାୟକ । ରାଜ୍ୟ ଗୃହ ବିଭାଗ ଏହି ନିଲମ୍ବନ ଆଦେଶ ଜାରି କରିଛି । ଆଦେଶ ଅନୁଯାୟୀ, ବର୍ତ୍ତମାନ ସେ ବ୍ରହ୍ମପୁର ସ୍ଥିତ ଦକ୍ଷିଣାଂଚଳ ଆଇଜିଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବେ । ମିଳିଥିବା ସୂଚନା ଅନୁସାରେ, କିଛି ଦିନ ତଳେ ସଦର ଥାନା ପୁଲିସ ୬ କୁଇଣ୍ଟାଲ ଗଂଜେଇ ଜବତ କରିଥିଲା । ତେବେ ସେଥିମଧ୍ୟରୁ ୨ କ୍ୱିଣ୍ଟାଲ ଗଞ୍ଜେଇର ହିସାବ ମିଳି ନ ଥିଲା । ଏଥିରେ ଥାନା ଅଧିକାରୀ ସତୀଶଙ୍କ ସମ୍ପୃକ୍ତି ଥିବା ନେଇ ଜଣାପଡିବା ପରେ ତାଙ୍କ ନାମରେ ସରକାରଙ୍କ ପାଖରେ ଅଭିଯୋଗ କରାଯାଇଥିଲା । ସେହି ଅନୁସାରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ତାଙ୍କ ନାମରେ ବିଭାଗୀୟ ତଦନ୍ତ ଚାଲିବ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି । ସୂଚନାଯୋଗ୍ୟ, ନିକଟରେ ସେ ଇନ୍ସପେକ୍ଟରରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିଲେ ।

# ବିଶ୍ୱବିଦ୍ୟାଳୟରେ ଖାଲି ପଡିଛି ପ୍ରାଧ୍ୟାପକ ପଦବୀ

**ଭୁବନେଶ୍ୱର (ଭିଓଭି) :** ରାଜ୍ୟରେ ବିଶ୍ୱବିଦ୍ୟାଳୟ ଗୁଡିକରେ ଖାଲି ପଡିଛି ପ୍ରାଧ୍ୟାପକ ପଦବୀ । ରାଜ୍ୟରେ ମୋଟ ୧୪୩୦ ପଦବୀ ଖାଲି ପଡିଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଉତ୍ତର ରଖିଛନ୍ତି । ସେଥିରୁ ୨୬୧ପ୍ରାଧ୍ୟାପକ, ୪୫୯ସହଯୋଗୀ ପ୍ରାଧ୍ୟାପକ, ୭୧୦ ସହକାରୀ ପ୍ରାଧ୍ୟାପକ ପଦବୀ ଫାଙ୍କା ପଡିଛି । ଗୋଟିଏ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି । ଆଜି ଗୃହରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ୬ଟି ବିଶ୍ୱବିଦ୍ୟାଳୟର ଆଶାୟୀ କୁଳପତିମାନଙ୍କ ସାକ୍ଷାତକାର ସରିଛି । ସେପଟେ ସରକାରୀ ମହାବିଦ୍ୟାଳୟରେ ୫୫୬ଅଧ୍ୟାପକ ପଦବୀ ଖାଲି ପଡିଛି । ୩୮୫ପଦବୀ ପାଇଁ ଓପିଏସସି ବିଜ୍ଞାପନ ଜାରି କରିଥିଲେ, ତାହାର ଚୟନ ପ୍ରକ୍ରିୟା ଜାରି ରହିଛି । ୩୦୪ ଅଧ୍ୟାପକ ପଦବୀ ପୂରଣ ପାଇଁ ଓପିଏସସିକୁ ଅନୁରୋଧ କରିଛନ୍ତି । ରାଜ୍ୟରେ ବେସକାରୀ ଅନୁଦାନ ପ୍ରାପ୍ତ କଲେଜରେ ୧୬୮୯ ଅଧ୍ୟାପକ ପଦବୀ ଖାଲି ପଡିଛି ।

# ଏଏନଏମ୍ ପରୀକ୍ଷା ବାତିଲ ପ୍ରଶ୍ନ ପତ୍ର ଲିକ୍ ହେଲା

**ମାଲକାନଗିରି (ଭିଓଭି) :** ମାଲକାନଗିରି ଜିଲାରେ ଏଏନଏମ୍ ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ହେବା ପରେ ବାତିଲ୍ ହେଲା ଆଜିର ପରୀକ୍ଷା । ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ଏଏନଏମ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ହୋଇଛି । ଦ୍ୱିତୀୟ ବର୍ଷ ଛାତ୍ରଙ୍କ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଛି । ଦିନ ୨ ଟାରେ ପରୀକ୍ଷା ଥିବା ବେଳେ ୧୧ ଟା ବେଳେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ହୋଇଛି । ଆଜି ମିଡ୍ ୱାଇଫେରି ବିଷୟରେ ହୋଇଥାନ୍ତା ପରୀକ୍ଷା । ପରୀକ୍ଷା ହଲରେ ପରୀକ୍ଷାର୍ଥୀ ପହଞ୍ଚିବା ପରେ ଉପଜିଲ୍ଲାପାଳ ଏହି ଘୋଷଣା କରିଛନ୍ତି ।

# ଇଣ୍ଡିଗୋ ବିମାନ ସେବା ସମସ୍ୟା : ଯାତ୍ରୀ ହନ୍ତ ସନ୍ତ

**ନୂଆଦିଲ୍ଲୀ (ଭିଓଭି) :** ଦେଶରେ ଇଣ୍ଡିଗୋ ବିମାନ ଚଳାଚଳରେ ଦେଖା ଦେଇଥିବା ସଙ୍କଟକୁ ନେଇ ବଡ ପଦକ୍ଷେପ ନେଇଛି ଡିଜିସିଏ(ଡାଇରେକ୍ଟୋରେଟ ଜେନେରାଲ ଅଫ ସିଭିଲ ଆଭିଏସନ) । ଡିଜିସିଏ ଏହାର ନିୟମକୁ ଶିଥିଳ କରିଦେଇଛି ଏବଂ ସାପ୍ତାହିକ ଛୁଟି ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଛି । ଏହି ନିର୍ଦ୍ଦେଶ ପରେ ପରିସ୍ଥିତି ଶୀଘ୍ର ସ୍ୱାଭାବିକହେବ ବୋଲି ଆଶା କରାଯାଉଛି । ଲଗାତାର ଚାରି ଦିନ ଧରି ଦେଶର ସମସ୍ତ ପ୍ରମୁଖ ବିମାନବନ୍ଦରରେ ବିଶୃଙ୍ଖଳା ଦେଖାଦେଇଛି । ଆଜି ୧୨୦୦ରୁ ଅଧିକ ଇଣ୍ଡିଗୋ ବିମାନ ବାତିଲ କରାଯାଇଛି । ଯାହା ଫଳରେ ଦିଲ୍ଲୀ, ମୁମ୍ବାଇ, ଗୋଆ ଏବଂ ଅହମ୍ମଦାବାଦ ସମେତ ସମସ୍ତ ପ୍ରମୁଖ ବିମାନବନ୍ଦରରେ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଇଲଟ୍ ଅଭାବ ଏବଂ ନୂତନ ଡିଜିସିଏ ନିୟମାବଳୀକୁ ଏହାର କାରଣ ଭାବରେ ଦର୍ଶାଯାଇଛି ।

ଡିଜିସିଏ ଏବେ ସମସ୍ତ ଅପରେଟରଙ୍କୁ କ୍ରୁ ସଦସ୍ୟଙ୍କ ପାଇଁ ସାପ୍ତାହିକ ଛୁଟି ସମ୍ପର୍କରେ ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଛି । ଡିଜିସିଏ କହିଛି ଯେ ଚାଲୁଥିବା କାର୍ଯ୍ୟକ୍ଷମ ବାଧା ଏବଂ କାର୍ଯ୍ୟର ନିରନ୍ତରତା ଏବଂ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ଏୟାରଲାଇନ୍ସରୁ ମିଳିଥିବା ପ୍ରତିନିଧିତ୍ୱକୁ ଦୃଷ୍ଟିରେ ରଖି, ସାପ୍ତାହିକ ବିଶ୍ରାମ ବଦଳରେ ଏବେ କୌଣସି ଛୁଟି ଦିଆଯିବ ନାହିଁ ବୋଲି ପ୍ରାସଙ୍ଗିକ ଅନୁଚ୍ଛେଦରେ ଥିବା ନିର୍ଦ୍ଦେଶକୁ ତୁରନ୍ତ ପ୍ରତ୍ୟାହାର କରାଯାଉଛି ।

ବର୍ତ୍ତମାନ ସୁଦ୍ଧା, ଦିଲ୍ଲୀ ଏବଂ ଜମ୍ମୁରୁ ସମସ୍ତ ଇଣ୍ଡିଗୋ ବିମାନ ବାତିଲ କରାଯାଇଛି । ଦିଲ୍ଲୀ ବିମାନବନ୍ଦରରୁ ଛାଡିବାକୁ ଥିବା ସମସ୍ତ ଇଣ୍ଡିଗୋ ବିମାନ ମଧ୍ୟରାତି ପର୍ଯ୍ୟନ୍ତ ବାତିଲ କରାଯାଇଛି । ବାତିଲ ଯୋଗୁଁ ଗ୍ରାହକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ, ଇଣ୍ଡିଗୋ ପୂର୍ଣ୍ଣ ଅର୍ଥ ଫେରସ୍ତ ପ୍ରଦାନ କରିଛି । ଇଣ୍ଡିଗୋ ଏଥିପାଇଁ କ୍ଷମାମାଗି କହିଛି, ଆମଯୋଗୁଁ ପ୍ରଭାବିତ ଗ୍ରାହକମାନଙ୍କୁ ସମର୍ଥନ କରିବା ପାଇଁ, ଆମେ ସେମାନଙ୍କୁ ଜଳପାନ, ସେମାନଙ୍କ ପସନ୍ଦର ପରବର୍ତ୍ତୀ ଉପଲବ୍ଧ ବିମାନ, ହୋଟେଲ ରହଣି, ବ୍ୟାଗେଜ ପୁନରୁଦ୍ଧାରରେ ସହାୟତା କରୁଛୁ ଏବଂ ପ୍ରଯୁଜ୍ୟ ସ୍ଥାନରେ ପୂର୍ଣ୍ଣ ଅର୍ଥରାଶି ଫେରସ୍ତ କରୁଛୁ । ଡିଜିସିଏ ଡିଜି ଫୈଜ ଅହମ୍ମଦ କିଦୱାଇ ସମସ୍ତ ପାଇଲଟ୍ ସଂଘ ଏବଂ ପାଇଲଟ୍ ମାନଙ୍କୁ ସହଯୋଗ ପାଇଁ ନିବେଦନ କରିଛନ୍ତି ।



# ସଜନା



**କାର୍ତ୍ତିକ ଚନ୍ଦ୍ର ପଣ୍ଡା**
ମୋବାଇଲ୍- ୭୯୭୮୪୨୦୪୯୩



ପୋଷକତତ୍ତ୍ୱରେ ଭରପୂର ସଜନା ଏକ ଉତ୍କୃଷ୍ଟ ପରିବା ଯାହାକି ଆମ ଦେଶର ପୁରପଲ୍ଲୀ ଓ ସହର ମାନଙ୍କରେ ଉପଲବ୍ଧ । ଧନୀ ଗରିବ ସବୁ ବର୍ଗର ଲୋକମାନେ ଏହାକୁ ପସନ୍ଦ କରିଥାନ୍ତି । ଏହାକୁ ହିନ୍ଦୀରେ ସହଜନ, ତାମିଲରେ 'ମୁରୁଗାଇ' ଓ କନ୍ନଡ ଭାଷାରେ 'ନୁଗେକାଇ' କହିଥାନ୍ତି । ଏହାର ଜନ୍ମ ହିମାଳୟ ପର୍ବତର ପାଦଦେଶରେ ହୋଇଥିବାର ତଥ୍ୟ ରହିଛି । ଆମ ଦେଶର ମୃତ୍ତିକା ଓ ଜଳବାୟୁ ଏହି ଗଛଟି ପାଇଁ ବେଶ୍ ଅନୁକୂଳ । କେବଳ ଥଣ୍ଡା, ବରଫାବୃତ ଅଞ୍ଚଳକୁ ବାଦଦେଲେ ଏହା ସର୍ବତ୍ର ଦେଖିବାକୁ ମିଳେ ।

ଏହାକୁ ଇଂରାଜୀରେ ଡ୍ରମଷ୍ଟିକ୍ ଓ ମୋରିଙ୍ଗା (Moringa) କୁହାଯାଏ। ମୋରିଙ୍ଗା ଶବ୍ଦଟି ତାମିଲ ଶବ୍ଦ ମୁରୁଗାଇରୁ ଆସିଛି । ମୁରୁଗାଇ ଶବ୍ଦର ଅର୍ଥ 'ସୁନ୍ଦର ଛୁଇଁ'। ଆମ ଓଡ଼ିଆରେ ବି କେତେକ ଏହାକୁ ମୁଗୁନା କହିଥାନ୍ତି । ଆମ ଦେଶ ବ୍ୟତୀତ ବାଂଲାଦେଶ, ଘାନା, ଫିଲିପାଇନ୍ସ, ନାଇଜେରିଆ, ସମଗ୍ର ଆଫ୍ରିକୀୟ ମହାଦେଶ ଓ ଉତ୍ତର ଆମେରିକାରେ ସଜନା ବହୁଳ ଭାବେ ଚାଷ କରାଯାଏ । କେବଳ ଭାରତ ଏକାକୀ ପୃଥିବୀର ଅଶୀ ଭାଗ ଚାହିଦା ପୂରଣ କରେ । ଆମ ଦେଶରେ ବର୍ଷକୁ ପ୍ରାୟ ଏଗାର ଲକ୍ଷ ଟନ ସଜନା ଉତ୍ପାଦିତ ହୋଇ ପଶ୍ଚିମ ରାଷ୍ଟ୍ରମାନଙ୍କୁ ରପ୍ତାନି ହୋଇଥାଏ ।

ଆମ ଦେଶରେ ସଜନା ଉତ୍ପାଦନରେ ଆନ୍ଧ୍ରପ୍ରଦେଶ ପ୍ରଥମ, ତାମିଲନାଡୁ ଦ୍ୱିତୀୟ ଓ କର୍ଣ୍ଣାଟକ ତୃତୀୟ ସ୍ଥାନରେ ଅଛନ୍ତି । ତେବେ ମହାରାଷ୍ଟ୍ର, ଗୁଜୁରାଟରେ ଏହା ବହୁଳ ଭାବରେ ଚାଷ କରାଯାଏ। ଓଡିଶା, ପଶ୍ଚିମବଙ୍ଗ ଓ ଆସାମରେ ଏହା କେବଳ ବାଡ଼ି ବଗିଚାରେ ସୀମିତ ଥାଏ । ସଜନା ଗୋଟିଏ ଔଷଧୀୟ ବୃକ୍ଷ କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରାୟ ତିନିଶହ ପ୍ରକାର ରୋଗର ପ୍ରତିଷେଧକ ଶକ୍ତି ଏଥିରେ ରହିଛି। ଏହି ଗଛଟିର ସମସ୍ତ ଅଂଶ ଯଥା ପତ୍ର, ଫୁଲ, ଛେଲି ଓ ମୂଳକୁ ଔଷଧ ରୂପେ ବ୍ୟବହାର କରାଯାଏ ।

ସଜନାରେ ଆଶ୍ଚର୍ଯ୍ୟଜନକ ପୋଷକତତ୍ତ୍ୱ ଓ ଭିଟାମିନ ଥାଏ । ପ୍ରତି ୧୦୦ ଗ୍ରାମ ସଜନାରେ ୩୩୭ ମିଲିଗ୍ରାମ ପଟାସିୟମ, ମାଗ୍ନେସିୟମ ୧୪୭ ମିଗ୍ରା, କ୍ୟାଲସିୟମ ୧୮୫ ମିଗ୍ରା, ଶ୍ୱେତସାର ୮.୨୮ ଗ୍ରାମ, ଫାଇବର ୨ ଗ୍ରାମ, ପ୍ରୋଟିନ ୯.୪୦ ଗ୍ରାମ, ଆଇରନ ୯.୪୦ ଗ୍ରାମ , ଭିଟାମିନ ୫୧୭ ଗ୍ରାମ, ଫ୍ୟାଟ ୧.୪୦ ଗ୍ରାମ ଥାଏ। ଏଥିରେ ଦହିର ୯ ଗୁଣା ପ୍ରୋଟିନ, କମଳାର ସାତଗୁଣା ଭିଟାମିନ ସି, ଗାଜରର ୪ ଗୁଣା ଭିଟାମିନ ଏ, କଦଳୀର ୧୫ ଗୁଣା ପଟାସିୟମ, ପାଳଙ୍ଗର ୨୫ ଗୁଣା ଆଇରନ ଓ କ୍ଷୀରର ୧୭ ଗୁଣରୁ ଅଧିକ ପୋଷକତତ୍ତ୍ୱ ମିଳିଥାଏ।

ସଜନା ଶ୍ୱାଶ ରୋଗୀ, ଆଥାରାଇଟିସ, କୋଷ୍ଠ କାଠିନ୍ୟ, ମଧୁମେହ, କ୍ୟାନସର ରୋଗୀମାନଙ୍କ ପାଇଁ ବିଶେଷ ଫଳପ୍ରଦ । ରକ୍ତ ସଞ୍ଚାଳନ, ସୁନିଦ୍ରାରେ ମଧ୍ୟ ଏହା ସହାୟକ ହୋଇଥାଏ । ଗର୍ଭବତୀ ମା' ଏହାକୁ ନିୟମିତ ଖାଇଲେ ପ୍ରସବ ପୀଡା ଲାଘବ ହୋଇଥାଏ ଓ ନବଜାତକ ପାଇଁ ମା' କ୍ଷୀରର ଅଭାବ ହୁଏନାହିଁ । ଶିଶୁ ମାନଙ୍କର କୁପୋଷଣ ଦୂର ହୁଏ । ଅସ୍ଥି ମଜଭୁତ ହୁଏ।

ପରିତାପର ବିଷୟ ବହୁକ୍ଷେତ୍ରରେ ଆମେ ଏହାକୁ ଅଣଦେଖା କରିଥାଉ । ଯାହା ଫଳରେ ଶିଶୁ କୁପୋଷଣ ହାର ଆମ ଦେଶରେ ଅଧିକ। ପଶ୍ଚିମଦେଶ ମାନଙ୍କରେ ଏହାକୁ ନିଉଟ୍ରେସନ ଡାଇନାମାଇଟ୍ର ଆଖ୍ୟା ଦେଇଥାନ୍ତି। ସେମାନେ ବିଭିନ୍ନ ଖାଦ୍ୟରେ ଏହାକୁ ଅତିରିକ୍ତ ପୋଷକତତ୍ୱ ପାଇଁ ବ୍ୟବହାର କରନ୍ତି । କେତେକ ରାଷ୍ଟ୍ରରେ ସଜନା ଚାଷକୁ ସରକାରୀ ସ୍ତରରେ ପ୍ରୋତ୍ସାହିତ କରାଯାଏ । ତ୍ୱଚାର ଉଜ୍ଜ୍ୱଳତା ପାଇଁ ସଜନାରେ ଏକ ଆଶ୍ଚର୍ଯ୍ୟ ପ୍ରକାର ଗୁଣ ରହିଛି । ବିଭିନ୍ନ ପ୍ରସାଧାନ ସାମଗ୍ରୀରେ ଏହା ମଧ୍ୟ ବ୍ୟବହୃତ ହୋଇଥାଏ।

ଶୀଘ୍ର ବଢୁଥିବା ଏହି ଗଛଟି ପ୍ରକୃତିର ବରଦାନ ସଦୃଶ । ଏହି ଗଛଟି ବିଶେଷ ଜତ୍ନ ଆବଶ୍ୟକ କରିନଥାଏ । ଏହି ଗଛଟିରେ ଜଳସେଚନ ଅନାବଶ୍ୟକ । ଏହି ଗଛଟି ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଆବଶ୍ୟକ କରିଥାଏ । ଏପରିକି ୪୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ସହି ପାରିଥାଏ । ରୋଗ ପ୍ରତିରୋଧକ ଶକ୍ତି ଏହି ଗଛଟିର ଅଦ୍ଭୁତ । ଏହା କୌଣସି ଖତସାର ଆବଶ୍ୟକ କରିନଥାଏ । ତେବେ ବ୍ୟବସାୟିକ ଚାଷରେ ଅଧିକ ଅମଳ ତଥା ସଜନା ପତ୍ରର ଆବଶ୍ୟକତାକୁ ଲକ୍ଷ୍ୟ କରି ଚାଷୀମାନେ ସାମୟିକ ଜଳସେଚନ ଓ ସୁକ୍ଷମସାର ପ୍ରୟୋଗ କରନ୍ତି ।

ସଜନା ଗଛଟିଏ ପାଇଁ ମାତ୍ର ଫୁଟ ×୧ଫୁଟ ×୧ ଫୁଟର ଗର୍ତ୍ତ ଦରକାର ହୋଇଥାଏ । ବାଲିଆ ଦୋରସା ମାଟି ଏହା ପାଇଁ ବେଶ୍ ଉପଯୋଗୀ । ତେବେ ସବୁ ପ୍ରକାର ମାଟିରେ ଏହା ବଢ଼ି ପାରିବ । ଗଛ ଲାଗିବାର ଛ' ମାସରେ ଛୁଇଁ ଆସେ। କେତେକ ପ୍ରଜାତି ବର୍ଷକୁ ଥରେ ଫଳୁଥିବା ବେଳେ ଆଉ କେତେକ ବର୍ଷକୁ ଦୁଇଥର ଫଳିଥାନ୍ତି ।

ଏପ୍ରିଲ ମେ ଓ ଅଗଷ୍ଟ ଓ ସେପଟ୍ମେର ମାସରେ ଧଳା ଧଳା ଓ କେତେକ ପ୍ରଜାତିରେ ପାଉଁସିଆ ରଙ୍ଗର ଫୁଲ ଆସେ। ପାଉଁସିଆ ରଙ୍ଗର ଫୁଲର ଛୁଇଁ ଗୁଡିକ ଅଧିକ ସୁସ୍ୱାଦୁ । ବଡ଼ସାନ ହୋଇ ୫ ଟି ପାଖୁଡା ଥିବା ସଜନା ଫୁଲ, ପରାଗସଙ୍ଗମ ଆବଶ୍ୟକ କରନ୍ତି । ନୂଆ ଲାଗିଥିବା ଗଛରେ ଦୁଇ ତିନି ବର୍ଷ ପ୍ରଯ୍ୟନ୍ତ କମ୍ ଛୁଇଁ ଆସେ ଓ ଏହା କ୍ରମଶଃ ବଢ଼ିଥାଏ । ଗୋଟିଏ ଗଛର ୨୦୦ ରୁ ୧୦୦୦ ପର୍ଯ୍ୟନ୍ତ ଛୁଇଁ ଆସେ। ଶୀତଦିନେ ଅତ୍ୟଧିକ ଥଣ୍ଡାକୁ ସହି ନପାରି ଗଛଟି ପତ୍ରଶୂନ୍ୟ ହୋଇଥାଏ।

ସଜନା ଗୋଟିଏ ରସାଳ ଓ ସ୍ୱାଦିଷ୍ଟ ପରିବା। ଏହା ଭଜା, ତରକାରୀ, ଆଚାର ଆଦିରେ ବ୍ୟବହାର କରାଯାଏ । ସଜନା ପତ୍ରର ଗୁଣ୍ଡରେ ଅନ୍ୟ ରାଜ୍ୟ ମାନଙ୍କରରେ ତିଆରି କରା ଯାଉଥିବା ଲଡୁ ଖୁବ ସ୍ୱାଦିଷ୍ଟ । ସଜନା ପତ୍ରକୁ ଧୋଇ, ଛାଇରେ ଶୁଖାଇ, ତାକୁ ପାଉଡର କରି ଯେକୌଣସି ତରକାରୀରେ ପକାଇ ତାର ସ୍ୱାଦ ବଢା ଯାଇପାରେ ।

ପାକଳ ହୋଇଥିବା ସଜନା ଛୁଇଁ ମଞ୍ଜିରୁ ତେଲ ପ୍ରସ୍ତୁତ ହୋଇଥାଏ । ଏହାକୁ ବେନ୍ ଅଏଲ କହନ୍ତି । ଏହି ତେଲ ଖାଦ୍ୟ ପାଇଁ ସବୁଠାରୁ ଭଲ । ଭଲଭାବରେ ପାକଳ ହୋଇଥିବା ଛୁଇଁକୁ ନିଆଁରେ ସେକି ମଧ୍ୟ ଖାଇହେବ । ଏହାର ସ୍ୱାଦ ଠିକ ଚିନା ବାଦାମ ପରି । ସଜନା ଛୁଇଁ ମଞ୍ଜିର ଚୂର୍ଣ୍ଣ, ଜଳ ବିଶୋଧନ କରିବା ପାଇଁ ଏକ ଉତ୍କୃଷ୍ଟ ଉତ୍ପାଦ।

ଆମେ ଏହି ଗଛଟିକୁ ବେଶୀ ଗୁରୁତ୍ୱ ଦେଇ ନଥାଉ । ଚାଷ ତ ଦୂରର କଥା । କେତେକ ସଁବାଳୁଆ ଭୟରେ ଏହାକୁ ଘରକୁ ପାଖକୁ ଲାଗି ଲଗାନ୍ତି ନାହିଁ । କିନ୍ତୁ ଏହାର ଉପଚାର ଅତ୍ୟନ୍ତ ସହଜ । ଦିନରେ ସର୍ଫ ପାଣି ସ୍ପ୍ରେ କଲେ ଆଉ ସମସ୍ୟା ରହିବ ନାହିଁ। ବଜାରରେ ମଧ୍ୟ କୀଟନାଶକ ଔଷଧ ମିଳୁଛି। ତେବେ ଉଈ ସଜନା ଗଛର ମୁଖ୍ୟ ଶତ୍ରୁ । ଗଛମୂଳରେ ଉଈ ଥିଲେ ଉଈମରା ଔଷଧ ସ୍ପ୍ରେ କରନ୍ତୁ ।

ଆଜିକାଲି ଗାଁ ଗଣ୍ଡାରେ ବି କେଉଁଠି ହେଲେ ସଜନା ଗଛ ଦେଖିବାକୁ ମିଳୁନାହିଁ। ଦକ୍ଷିଣ ଭାରତରର ଲୋକମାନେ କିନ୍ତୁ ଏହି ମୂଲ୍ୟବାନ ଗଛଟିର ମହତ୍ତ୍ୱ ବୁଝନ୍ତି ଓ ଏହାର ଉପଯୁକ୍ତ ରକ୍ଷଣା ବେକ୍ଷଣ କରନ୍ତି । ସେଠାରେ ପ୍ରତି ପରିବାରରେ ଅନ୍ତତଃ ଗୋଟିଏ ସଜନା ଗଛ ଲଗାଇବାକୁ ପସନ୍ଦ କରନ୍ତି । ଏବେ ସେମାନେ ଛାତ ଉପରେ ଏକ ସ୍ୱତନ୍ତ୍ର କୁଣ୍ଡରେ ସଜନା ଗଛ ରଖୁଛନ୍ତି। ବାସଗୃହର ଚାରିପଟେ କେତେକ ସଜନାର ବାଡ଼ ମଧ୍ୟ ପ୍ରସ୍ତୁତ କରନ୍ତି।

ଏବେ ସଜନା ଗଛ କିମ୍ବା ଡାଳ ପୋତିବାର ପ୍ରକୃଷ୍ଟ ସମୟ । ଯଦି ଡାଳ ପୋତୁଛନ୍ତି ତଳେ ବାଲି ସହିତ ଗୋବରଖତ ଦିଅନ୍ତୁ ଡାଳଟି ମୂଳ ଗଛଟିର ଦୁଇ ବର୍ଷ ପୁରୁଣା ଓ ଲମ୍ୱାରେ ଏକ ମିଟର ହେବା ଜରୁରୀ । ତେବେ ଏବେ ନୂଆ ଉନ୍ନତ କିସମର ର ସଜନା ଗଛ ଚକଗ -୨ ବଜାର ରେ ମିଳୁଛି। ଏହା ଲଗାଇବାର ଖୁବ୍ କମ ଦିନ (୯୦ଦିନରୁ ୧୨୦ଦିନ) ରେ ଫଳିବ ଓ ବର୍ଷ ସାରା ଫଳିବ । ଯେଉଁ ବନ୍ଧୁ ମାନଙ୍କର ସଜନା ଗଛ ଅଛି ତାର ଉପଯୁକ୍ତ ଜତ୍ନ ନିଅନ୍ତୁ। ପ୍ରକୃତିର ଏହି ଅନବଦ୍ୟ ଦାନର ଭାଗିଦାରୀ ହୁଅନ୍ତୁ ।

(ମତାମତ ଲେଖକଙ୍କ ନିଜସ୍ୱ)

## 'ଭଏସ୍ ଅଫ୍ ଭିକ୍ଟିମ୍ସ'ର ସ୍ୱନକ୍ଷତ୍ର ଉତ୍ସବରେ ପୁରସ୍କୃତ ପ୍ରତିଭା


ଡଃ ଯଶସ୍ୱୀ ନାୟକ


ଶ୍ରୀ ପାର୍ଥ ପ୍ରତୀମ


ଶ୍ରୀ ସତ୍ୟ ଦାସ


ଶ୍ରୀ କାର୍ତ୍ତିକ ଚନ୍ଦ୍ର ପଣ୍ଡା


ଶ୍ରୀ ସାହିଲ ସାର୍ଥକ ବିଶ୍ୱାଳ


କ୍ୟାପଟେନ ସଂଜୀବ କୁମାର ମହାପାତ୍ର


ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର


ଶ୍ରୀମତୀ ମନସ୍ୱିନୀ ସାହୁ

## ସଂପାଦକୀୟ

# ଶୁଭ ନା ଅଶୁଭ

ଚର୍ଚ୍ଚିତ ୟୁଟ୍ୟୁବ୍‌ର ଶୁଭଙ୍କର ମିଶ୍ରଙ୍କ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ବୟାନକୁ ନେଇ ବର୍ତ୍ତମାନ କେବଳ ଆମ ରାଜ୍ୟ ନୁହେଁ ସାରା ଦେଶରେ ଚର୍ଚ୍ଚା ଥମୁନାହିଁ। ପୁରୁଣା ଲୋକକଥାକୁ ନେଇ ପ୍ରେମୀଯୁଗଳ ବିବାହ ପୂର୍ବରୁ ଜଗନ୍ନାଥ ମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କଲେ ତାଙ୍କର ବିବାହ ଚିରସ୍ଥାୟୀ ହୋଇନଥାଏ, କାରଣ ଶ୍ରୀମନ୍ଦିର ଉପରେ ରାଧାରାଣୀଙ୍କର ଅଭିଶାପ ରହିଛି। କିମ୍ବଦନ୍ତୀ ବା ଲୋକକଥା ଅନୁସାରେ ରାଧାରାଣୀ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥଙ୍କ ରୂପରେ ଦର୍ଶନ କରିବା ନିମନ୍ତେ ଆସିଥିବା ବେଳେ ସେବାୟତମାନେ ତାଙ୍କୁ ମନ୍ଦିର ପ୍ରବେଶ ପାଇଁ ବାରଣ କରିବାକୁ ଯାଇ କହିଥିଲେ ଯେ ମହାପ୍ରଭୁଙ୍କ ଧର୍ମପତ୍ନୀଙ୍କୁ ମନ୍ଦିର ପ୍ରବେଶ ମନା। ସେଥିରେ ଉତ୍କ୍ଷିପ୍ତ ହୋଇ ରାଧାରାଣୀ କୁଆଡ଼େ ଅଭିଶାପ ଦେଇଥିଲେ ଯେ, ପ୍ରେମୀଯୁଗଳମାନେ ମନ୍ଦିରକୁ ଆସି ପ୍ରଭୁଙ୍କ ଦର୍ଶନ କଲେ ସେମାନଙ୍କର ପ୍ରେମ ସଫଳ ହେବ ନାହିଁ ଓ ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇ ପାରିବେ ନାହିଁ। ଶ୍ରୀ ମିଶ୍ରଙ୍କର ଏଭଳି ବୟାନକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା।

ଅନେକ ଜଗନ୍ନାଥ ପ୍ରେମୀ ଓ ହିନ୍ଦୁ ଧର୍ମ ଶାସ୍ତ୍ର ବିଶେଷଜ୍ଞମାନେ ଏହି ଉକ୍ତିର ପ୍ରମାଣ କୌଣସି ଧର୍ମ ଶାସ୍ତ୍ରରେ ନାହିଁ ବୋଲି କହି ଏହାକୁ ଦୃଢ଼ ନିନ୍ଦା କରିଛନ୍ତି। ଏହି ଉକ୍ତିର ଶାସ୍ତ୍ର ସମ୍ମତ ପ୍ରମାଣ ଅଛି ନା ନାହିଁ ସେ ବିଷୟରେ ଆଲୋଚନା କରିବାର ଜ୍ଞାନ ମୋର ନାହିଁ। କିନ୍ତୁ ଶୁଭଙ୍କରଙ୍କର ବୟାନ ପରେ ଶୁଭ କିମ୍ବା ଅଶୁଭକୁ ନେଇ ମୋର ନିଜସ୍ୱ ଅନୁଭୂତିକୁ ଏଠାରେ ଉପସ୍ଥାପନ କରୁଅଛି। କୌଣସି ଶାସ୍ତ୍ରରେ ନଥିବା ଉକ୍ତି ଭଳି, କଥା କଥାରେ ସମସ୍ତେ କହିଥାନ୍ତି ଯାତ୍ରା ବେଳେ ସାମ୍ନାରେ ବିରାଡ଼ି ଚାଲିଗଲେ ଅଶୁଭ, ନେଉଳ ଚାଲିଗଲେ ଶୁଭ। ଶାସ୍ତ୍ରରେ ନଥିବା ଏହି କଥାକୁ ପ୍ରାୟ ଲୋକେ ଶାସ୍ତ୍ର ସମ୍ମତ ବୋଲି ମାନି ନେଇଥାଆନ୍ତି। ମୋ' ନିଜ ଅନୁଭୂତି ଅନୁସାରେ ମୋ' କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ବିପରୀତ। ଅନେକ ଘଟଣାରେ ଏହାର ପ୍ରମାଣ ମୁଁ ଦେଖି ସାରିଛି। ଶୁଭ ଯାତ୍ରା ବେଳେ ସାମ୍ନାରେ ବିରାଡ଼ି ଚାଲିଗଲେ ମୋର ଶୁଭ ହେଉଥିବା ବେଳେ ନେଉଳ ଚାଲିଗଲେ କାମ ନହେବା ଓ କେତେକ କ୍ଷେତ୍ରରେ ଅଶୁଭ ମଧ୍ୟ ପ୍ରମାଣିତ ହୋଇସାରିଛି। ତେଣୁ ମୁଁ ଯାତ୍ରା ଆରମ୍ଭ ସମୟରେ ଗୋଟିଏ ବିଲେଇକୁ ମନେ ମନେ ଖୋଜିଥାଏ।

ବିବାଦୀୟ ବୟାନ କିମ୍ବା ନକାରାତ୍ମକ ଉକ୍ତି ସର୍ବଦା ବିଜୁଳି ବେଗରେ ପ୍ରଚାରିତ ହୋଇଯାଇଥାଏ। କିନ୍ତୁ ସକାରାତ୍ମକ ଉକ୍ତିକୁ କେହି କର୍ଣ୍ଣପାତ କରିନଥାନ୍ତି। ସାଧୁ-ସନ୍ଥମାନେ ଅନ୍ୟକୁ ଜୀବନଶୈଳୀ ଠାରୁ ଆରମ୍ଭ କରି ଧର୍ମୀୟ ବିଶ୍ୱାସ ଉପରେ ପରାମର୍ଶ ଦେଲାବେଳେ, ଅନେକ କୁହନ୍ତି ଧର୍ମ, ପୂଜା-ଅର୍ଚ୍ଚନା, ଗୀତା-ପାଠ, ଭାଗବତ-ପଢ଼ିବା, ସୁଷମ ଖାଦ୍ୟ ଖାଇବା, ପ୍ରାତଃ ସମୟରେ ଉଠି ବ୍ୟାୟାମ କିମ୍ବା ଯୋଗାଭ୍ୟାସ କରିବା ପାଇଁ କ'ଣ ମୋର ବୟସ ହେଲାଣି ? ଏ ବିଷୟରେ ଅନେକ ମତ ରଖନ୍ତି ବୟସ ୫୦ ଟପିଲେ ଯାଇ ଖାଦ୍ୟ ସଂଯମତା ଓ ପୂଜା-ପାଠ, ଧର୍ମ-ଚର୍ଚ୍ଚା କରିବା, ଏବେ ସେସବୁ କାହିଁକି ? ୫୦ ବର୍ଷ ପୂର୍ବରୁ ଏହା କରିବା ମାନେ ଅଯଥା ସମୟ ନଷ୍ଟ କରିବା ଓ ଇନ୍ଦ୍ରିୟକୁ କଷ୍ଟ ଦେବା ସହ ସମାନ। ଆଜିକାଲି ମନ୍ଦିର ଭିତରେ ଓ ଠାକୁରଙ୍କ ପାଖରେ ଯାଇ ଅନେକ ଅସଜ୍ଜିତ ଅବସ୍ଥାରେ ରିଲ୍ କଲେଣି। ଶ୍ରଦ୍ଧାଳୁଟିଏ ଭକ୍ତି ଭାବରେ ଠାକୁର ଦର୍ଶନ କରିବାକୁ ଯାଉଥିବା ବେଳେ ସେ ପ୍ରଥମେ ଛୋଟ, ଚିରା ଓ ଫଟା କପଡ଼ା ପରିଧାନକାରୀ (ଯାହା ଏବେକାର ଷ୍ଟାଇଲ୍) ଉଚ୍ଛୃଙ୍ଖଳ ପ୍ରେମୀଯୁଗଳଙ୍କ ଦର୍ଶନ କରିବାକୁ ପଡୁଛି। ୟୁଟୁବ୍‌ର ଶୁଭଙ୍କର ମିଶ୍ର ଦେଇଥିବା ବୟାନ ତାଙ୍କର ନିଜର ନୁହେଁ ବରଂ କିଛି କିମ୍ବଦନ୍ତୀ, ପ୍ରବାଦ, ଲୋକକଥା ଓ ଇଣ୍ଟରନେଟ୍ ତଥ୍ୟକୁ ଉଦ୍ଧାର କରି ସେ ଏଭଳି ମତକୁ ପରିବେଷଣ କରିଥିଲେ । ଅନେକ ପ୍ରତିବାଦ ଓ ବାଦବିବାଦ ପରେ ସେ ସେହି ଭିଡିଓକୁ ଅପସାରଣ କରିଦେବା ସଙ୍ଗେ ସଙ୍ଗେ କ୍ଷମା ପ୍ରାର୍ଥନା ମଧ୍ୟ କରିସାରିଛନ୍ତି। ପୁରାତନ ଘଟଣାବଳୀକୁ ଆଲୋଚନା କଲାବେଳେ ଆମେମାନେ ମଧ୍ୟ ଅନେକ ସମୟରେ ଲୋକକଥା ଇତ୍ୟାଦିକୁ ଉଦାହରଣ ରୂପେ ନେଇଥାଉ। କେଦାର ଆଉ ଗୌରୀଙ୍କ ପ୍ରେମ କାହାଣୀ ଲୋକକଥାର ବିବାଦ ଆଜି ମଧ୍ୟ ଚାଲିଛି। ୟୁଟୁବ୍‌ର ଶୁଭଙ୍କର ମିଶ୍ରଙ୍କ ପରିବେଷିତ ମତକୁ ମାନିନେଇ ପ୍ରେମୀଯୁଗଳମାନେ ଯଦି ମନ୍ଦିର ଭିତରକୁ ନଯାଆନ୍ତି ତେବେ ସେମିତି କିଛି ବଡ଼ ଅସୁବିଧା ହୋଇଯିବ ନାହିଁ। ଠାକୁର ସର୍ବତ୍ର ବିଦ୍ୟମାନ। ଯେଉଁଠି ରହି ଡାକିଲେ ସେ ଭକ୍ତର ଦୁଃଖ ଦୂର କରନ୍ତି ଆଉ କରିବେ। ତେଣୁ ଶୁଭଙ୍କରଙ୍କ ଦୁଇ ପଦ କଥା କେବେ ବି ମହାନ୍ ହିନ୍ଦୁ ଧର୍ମ ଓ ଜଗନ୍ନାଥ ସଂସ୍କୃତି ପାଇଁ ଅଶୁଭ ହେବ ନାହିଁ।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍‌ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଦେବର୍ଷି ନାରଦଙ୍କ ଦ୍ୱାରା ଭକ୍ତିଦେବୀଙ୍କ କଷ୍ଟ ନିବୃତ୍ତି

**ଅର୍ଜ୍ଜୁନୀ ଚରଣ ବେହେରା**

ବିଶାଳ ନଗରୀରେ ଦିନେ ଦେବର୍ଷି ନାରଦଙ୍କୁ ଖୁବ୍ ଉଦାସ ମନରେ ଦେଖି ସମବେତ ମୁନିମାନେ ପ୍ରଶ୍ନ କଲେ, ଦେବର୍ଷି ! ଆପଣ ଏପରି ଉଦାସ ଓ ଚିନ୍ତିତ ଜଣା ପଡୁଛନ୍ତି କାହିଁକି। ଆପଣ ସଂସାର କଲ୍ୟାଣ ପାଇଁ ତ ତ୍ରିପୁରରେ ହରିନାମ କୀର୍ତ୍ତନ କରି ଭ୍ରମଣ କରୁଛନ୍ତି। ଆପଣଙ୍କର ପୁଣି କି ଚିନ୍ତା ଥାଇପାରେ ? ଦୟାକରି ଆପଣ ଆପଣଙ୍କ ଚିନ୍ତାର କାରଣ କ'ଣ ଆମକୁ କୁହନ୍ତୁ।

ମୁନିମାନଙ୍କ ପ୍ରଶ୍ନରେ ନାରଦ କହିଲେ, ମୁଁ ଏବେ ପ୍ରୟାଗ, କାଶୀ, ହରିଦ୍ୱାର, ସେତୁବନ୍ଧ ଆଦି ତୀର୍ଥ ସ୍ଥାନମାନ ଭ୍ରମଣ କରି ଆସିଲି । ମୋତେ କେଉଁଠାରେ ହେଲେ ଶାନ୍ତି ମିଳିଲା ନାହିଁ। ଏବେ ସତ୍ୟ ତପ, ଦାନ, ଦୟା, ପ୍ରଭୃତି ଲୁପ୍ତ ହୋଇ ଗଲାଣି । ଲୋକମାନଙ୍କ ପାଖରେ ସଦାଚାର ନାହିଁ । ଏବେ କେହି ଯୋଗୀ ନାହାଁନ୍ତି, କେହି ସିଦ୍ଧ କିମ୍ବା କେହି ଜ୍ଞାନୀ ନାହାଁନ୍ତି । କେହି ସତ୍‌କର୍ମ କରୁଥିବା ବ୍ୟକ୍ତି ମଧ୍ୟ ନାହାଁନ୍ତି। ସମସ୍ତେ ନିଜ ନିଜ ଉଦର ପୋଷଣ ପାଇଁ ବ୍ୟସ୍ତ । ମୁଁ ଆଉ ଏକ ବିଚିତ୍ର ଘଟଣା ଯାହା ଦେଖିଲି ତାହା କହୁଛି ଶୁଣ ।



ମୁଁ ଏପରି ବୁଲୁବୁଲୁ ଯାଇ ଦିନେ ଯମୁନା ତଟରେ ପହଞ୍ଚି ଗଲି। ସେଠି ଜଣେ ସ୍ତ୍ରୀ ଲୋକ ଦୁଃଖରେ ବସିଥିଲେ। ତାଙ୍କ ପାଖରେ ଦୁଇ ଜଣ ବୃଦ୍ଧ ଅଚେତ ହୋଇ ପଡ଼ିଥିଲେ। ତରୁଣୀ ଜଣକ ତାଙ୍କ ସେବା କରୁଥାନ୍ତି ଏବଂ କାନ୍ଦୁଥାନ୍ତି। ସେମାନଙ୍କୁ ଅନେକ ସ୍ତ୍ରୀ ଲୋକ ପଙ୍ଖା କରୁଥାନ୍ତି ଏବଂ ବୁଝାଉ ଥାନ୍ତି । ମୋତେ ଦେଖିବା ମାତ୍ରେ ସେ ସ୍ତ୍ରୀ ଲୋକ ଜଣକ ଠିଆ ହୋଇପଡ଼ି କହିଲେ, ହେ ମହାତ୍ମନ୍ ! ମୋ ଦୁଃଖ ଟିକିଏ ଆପଣ ବୁଝନ୍ତୁ ଏବଂ ତାହାର କିଛି ସମାଧାନ କରନ୍ତୁ। ମୁଁ ଆଶ୍ଚର୍ଯ୍ୟହୋଇ ତାଙ୍କୁ କିଏ ତୁମେ, ତୁମର କ'ଣ ହୋଇଛି, ଏ ବୃଦ୍ଧ ଦୁଇଜଣ କିଏ, ଏ ସ୍ତ୍ରୀ ଲୋକ ମାନେ କିଏ ଆଦି ପ୍ରଶ୍ନ କଲାରୁ ସେ କହିଲେ, ମୁଁ ହେଉଛି ଭକ୍ତି, ଏ ଦୁହେଁ ମୋର ଦୁଇ ପୁତ୍ର ଜ୍ଞାନ ଓ ବୈରାଗ୍ୟ । ଏ ଦେବୀମାନେ ହେଲେ, ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ ଆଦି। ମୁଁ ମାଆ ହୋଇ ଯୁବତୀ ଅଛି ମାତ୍ର ମୋର ଏ ପୁଅ ଦୁହେଁ ବୃଦ୍ଧ ହୋଇ ଗଲେଣି। ଏହାହିଁ ମୋ ଦୁଃଖ। ମୁଁ ଏବେ କ'ଣ କରିବି।

ପୁଣି ନାରଦ କହିଲେ, ଭକ୍ତି ଦେବୀଙ୍କ କଥା ଶୁଣି ମୁଁ ଜାଣି ପାରିଲି ଯେ ଏହା ହେଉଛି କଳି ଯୁଗର ପ୍ରଭାବ। ଏହି ସମୟରେ ପୁଣି ଭକ୍ତି କହିଲେ, ମୁଁ ଜାଣି ପାରୁ ନାହିଁ, ରାଜା ପରୀକ୍ଷିତ, କାହିଁକି ଏହି ପାପୀ କଳିଯୁଗକୁ ରହିବା ପାଇଁ ପ୍ରଶ୍ରୟ ଦେଲେ। ତାରି ପ୍ରଭାବରୁ ସଂସାରରେ ସବୁ ସଦାଚାର ଲୁପ୍ତ ହୋଇ ଗଲାଣି। ଲୋକମାନେ ଶଠତା ଓ ଦୁଷ୍କର୍ମ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ସଂସାରରେ ଦୁଷ୍ଟ ମାନେ ଅଧିକ ଆନନ୍ଦ ଲାଭ କରୁଛନ୍ତି ଏବଂ ସତ୍‌ପଥରେ ଚାଲୁଥିବା ଲୋକ କଷ୍ଟ ପାଉଛନ୍ତି । ତାଙ୍କୁ ମୁଁ ଉତ୍ତର ଦେଲି, ଭଗବାନ୍ ଶ୍ରୀକୃଷ୍ଣ ଯେଉଁ ଦିନରୁ ଏ ଧରାଧାମ ଛାଡ଼ିଗଲେ, ସେହିଦିନ ଠାରୁ କଳିଯୁଗ ଏହି ପୃଥିବୀରେ ପ୍ରବେଶ କଲା। ରାଜା ପରୀକ୍ଷିତ ତାକୁ ଘଉଡେଇଦେବାକୁ ଚେଷ୍ଟା କରିଥିଲେ। ମାତ୍ର ସେ ତାଙ୍କର ଶରଣ ପଶିଲା। ଏଣୁ ବାଧ ହୋଇ ରାଜା ତାଙ୍କୁ ରହିବା ପାଇଁ ଦେଲେ । କାରଣ ଅନ୍ୟ ସମସ୍ତ ଯୁଗରେ ତପସ୍ୟା, ଯୋଗ ଏବଂ ସମାଧି ଦ୍ୱାରା ଯେଉଁ ଫଳ ଲାଭହୁଏ ନାହିଁ, କଳି ଯୁଗରେ ତାହା ଖାଲି ହରି ନାମ କୀର୍ତ୍ତନରେ ସୁଲଭ ହୋଇଯାଏ ।

ମୋ କଥା ଶୁଣି, ଭକ୍ତି ଦେବୀ ଆଶ୍ଚର୍ଯ୍ୟ ହେଲେ । ସେ କହିଲେ, ମୋର ବଡ଼ ସୌଭାଗ୍ୟ ଆପଣଙ୍କ ସହ ଆଜି ମୋର ଭେଟ ହୋଇଗଲା। ଆପଣଙ୍କ ଦର୍ଶନପାଇ ପ୍ରହ୍ଲାଦ, ଧ୍ରୁବ ଆଦି ଭକ୍ତ ମାନେ ଏହି ସଂସାର ସାଗରକୁ ପାର କରିଛନ୍ତି। ମୁଁ ଆପଣଙ୍କୁ ବାରମ୍ବାର ନମସ୍କାର କରୁଛି।

ମୁଁ ତାଙ୍କୁ କହିଲି, ସତ୍ୟ, ଦ୍ୱାପର ଓ ତ୍ରେତୟା ଏହି ତିନି ଯୁଗରେ ଜ୍ଞାନ ଓ ବୈରାଗ୍ୟ ହିଁ ମାତ୍ର ମୁକ୍ତିର ମାର୍ଗ ଥିଲା, କିନ୍ତୁ କଳି ଯୁଗରେ ଭକ୍ତି ମଧ୍ୟ ମୋକ୍ଷ ପ୍ରଦାନ କରିବା ପାଇଁ ସମର୍ଥ। ଯାହାର ହୃଦୟରେ ଭକ୍ତି ନିବାସ କରେ ତାକୁ ଭୂତ, ପ୍ରେତ, ରାକ୍ଷସ ବା କୌଣସି ଅନିଷ୍ଟକର ଶକ୍ତି ସ୍ପର୍ଶ କରିପାରେ ନାହିଁ। ଭଗବାନ୍, ତପ, ବେଦାଧ୍ୟୟନ, ଜ୍ଞାନ, ଜପ, କର୍ମ ପ୍ରଭୃତି କୌଣସିରେ ବଶ ହୁଅନ୍ତି ନାହିଁ । କେବଳ ସେ ଭକ୍ତିରେ ହିଁ ବଶ ହୋଇଥାନ୍ତି। ପୂର୍ବେ ମହର୍ଷି ଦୁର୍ବାସା ଭକ୍ତିକୁ ତିରସ୍କାର କରି ବହୁତ କଷ୍ଟ ପାଇଥିଲେ । ତୀର୍ଥ, ଯୋଗ, ଜାଗ ଆଦି ଅନେକ ଧର୍ମ କର୍ମ କରିବାର କୌଣସି ପ୍ରୟୋଜନ ନାହିଁ। ଏକମାତ୍ର ଭକ୍ତି ହିଁ ମୁକ୍ତି ପ୍ରଦାନ କରିପାରେ ।

ଏହା ଶୁଣି ଭକ୍ତିଦେବୀ କହିଲେ, ଦେବର୍ଷି ଆପଣ ଧନ୍ୟ। ଆପଣଙ୍କ ଠାରେ, ମୋର ନିଶ୍ଚଳ ପ୍ରୀତି ରହିଛି। ଦୟାକରି ଆପଣ ମୋର ଅସୁସ୍ଥ ପୁତ୍ରଙ୍କୁ ଆରୋଗ୍ୟ କରି ଦିଅନ୍ତୁ । ଦେବୀଙ୍କ କଥାରେ ମୁଁ ବିଚଳିତ ହୋଇ ବେଦ ଧ୍ୱନୀ ଦ୍ୱାରା ତାଙ୍କର ପୁତ୍ର ଦ୍ୱୟଙ୍କୁ ଆରୋଗ୍ୟ କରିବାକୁ ଚେଷ୍ଟା କଲି । କିନ୍ତୁ ଅତି ଅସୁସ୍ଥତା ହେତୁ ସେମାନେ ଚକ୍ଷୁ ଖୋଲିଲେ ନାହିଁ। ଏହି ସମୟରେ ଆକାଶରୁ ବାଣୀ ଶୁଭିଲା, ହେ ମୁନି, ଆପଣ ଏମାନଙ୍କ ପାଇଁ କିଛି ସତ୍‌କର୍ମ କରନ୍ତୁ । ମୁଁ ଆକାଶକୁ ଚାହିଁ, ପଚାରିଲି, କୁହନ୍ତୁ! ମୁଁ କି ସତ୍‌କର୍ମ କରି ପାରିବି ଯଦ୍ୱାରା ଭକ୍ତି, ଜ୍ଞାନ ଓ ବୈରାଗ୍ୟଙ୍କୁ ସୁଖ ମିଳି ପାରିବ। ଏହି ସମୟରେ ସନକ ଆଦି ଋଷିମାନେ ସ୍ୱର୍ଗରୁ ଓହ୍ଲାଇଆସି କହିଲେ, ହେ ଦେବର୍ଷି, ତୁମେ ଚିନ୍ତା କର ନାହିଁ । ଋଷିମାନେ ମୋକ୍ଷାର୍ଥେ ସଂସାରକୁ ଦ୍ରବ୍ୟଯଜ୍ଞ, ତପଯଜ୍ଞ, ଜ୍ଞାନ ଯଜ୍ଞ ଆଦି ବହୁ ମାର୍ଗ ଦେଖାଇ ଯାଇଛନ୍ତି । କିନ୍ତୁ ସେ ସବୁ କଷ୍ଟ ସାଧ୍ୟ। ଏଣୁ ପଣ୍ଡିତମାନେ ଭକ୍ତି ଯଜ୍ଞକୁ ସର୍ବ ଶ୍ରେଷ୍ଠ ମୁକ୍ତି ପ୍ରଦାନକାରୀ ସତ୍ କର୍ମ ବୋଲି ଗ୍ରହଣ କରିଛନ୍ତି।

ସେହି ଭକ୍ତି ଯଜ୍ଞ ହେଉଛି, ଶ୍ରୀମଦ୍ଭାଗବତ ଧ୍ୱନୀ।

ଶ୍ରୀମଦ୍ଭାଗବତ ମହାଧ୍ୱନୀ ଶ୍ରବଣ କରିବା ମାତ୍ରେ କଳିଯୁଗ ଜନିତ, ସମସ୍ତ ଦୋଷ, ଦୁର୍ଗୁଣ ବିନଷ୍ଟ ହୋଇଯାଏ। ଶ୍ରୀମଦ୍ଭାଗବତ ସମସ୍ତ ବେଦ ଏବଂ ଉପନିଷଦର ସାର ତତ୍ତ୍ୱକୁ ନେଇ ସୃଷ୍ଟି ହୋଇଛି। ଭାଗବତ ମହାଶାସ୍ତ୍ର ମୁକ୍ତି ପ୍ରଦାନ ପାଇଁ ଯଥେଷ୍ଟ ଅଟେ । 'ଇଦଂ ଭାଗବତଂ ନାମ ପୁରାଣଂ ବ୍ରହ୍ମ ସମ୍ମିତମ୍ । ଭକ୍ତି, ଜ୍ଞାନ, ବିରାଗାଣାଂ, ସ୍ଥାପନାୟ ପ୍ରକାଶିତମ୍'।

ଅର୍ଥାତ୍ ଏହି ଭାଗବତ ପୁରାଣ ବେଦ ସମତୁଲ୍ୟ ଅଟେ । ଭକ୍ତି, ଜ୍ଞାନ ଏବଂ ବୈରାଗ୍ୟର ସ୍ଥାପନା ହେତୁ ଏହା ପ୍ରକାଶିତ ହୋଇଛନ୍ତି । ଏବେ ଭକ୍ତି, ଜ୍ଞାନ ଓ ବୈରାଗ୍ୟଙ୍କ ଦୁଃଖ ନାଶ ପାଇଁ ଆପଣ ସେମାନଙ୍କୁ ସେହି ଭାଗବତ ପୁରାଣ ଶୁଣାନ୍ତୁ ।

ଏହି କଥୋପକଥନ ଶୁଣି ଭକ୍ତି ଦୁଇପୁତ୍ରଙ୍କ ସହ ବାରମ୍ବାର, 'ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ, ହେ ନାଥ ନାରାୟଣ ବାସୁଦେବ' ଉଚ୍ଚାରଣ କରି ପ୍ରଫୁଲ୍ଲିତ ହୋଇ ଉଠିଲେ । ଏପରି ଭାବେ ଭକ୍ତି ଦେବୀଙ୍କ ସମସ୍ତ କଷ୍ଟ ନିବୃତ୍ତ ହେଲା ।

ଭାଗବତ ଶାସ୍ତ୍ର ହେଉଛି ଭକ୍ତିରୂପୀ ଗଙ୍ଗା। ଯେଉଁ ମନୁଷ୍ୟ ପ୍ରତିଦିନ ନାନା ପାପକର୍ମରେ ଲିପ୍ତଥାଏ, ସିଏ କଳିଯୁଗରେ ସପ୍ତାହ ବ୍ୟାପି ଏହି ଭାଗବତ ଯଜ୍ଞ ଦ୍ୱାରା ପବିତ୍ର ହୋଇଯାଏ। ଏ ଭୂଲୋକରେ ଶ୍ରୀମଦ୍ଭାଗବତ ସ୍ୱୟଂ ପରଂବ୍ରହ୍ମଙ୍କ ବିଗ୍ରହ ଅଟେ। ଭାଗବତର ଆଶ୍ରୟ ଗ୍ରହଣ କରି ଏହା ଶୁଣାଇବା ଦ୍ୱାରା ଶ୍ରୋତା ଏବଂ ବକ୍ତା ଉଭୟଙ୍କୁ ଭଗବାନଙ୍କ ସମତା ପ୍ରାପ୍ତ ହୋଇଯାଏ । ତେଣୁ ଏହାକୁ ଛାଡି ଅନ୍ୟ ଧର୍ମରେ କି ପ୍ରୟୋଜନ।

ଏପରି ମୁନିମାନଙ୍କୁ, ଭାଗବତ ଶାସ୍ତ୍ରର ମାହାତ୍ମ୍ୟ ଏବଂ ଭକ୍ତିଦେବୀଙ୍କ କଷ୍ଟ ନିବୃତ୍ତି କଥା କହିସାରି ଦେବର୍ଷି ନାରଦ ବ୍ରହ୍ମଲୋକ ଯାତ୍ରା କଲେ ।

ମୋ - ୭୬୯୩୦୯୧୯୭୧

# ଭାରତୀୟ ରେଡ୍‌କ୍ରସ ଖୋର୍ଦ୍ଧା ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ



**ଖୋର୍ଦ୍ଧା (ଭିଓଭି) :** ଭାରତୀୟ ରେଡକ୍ରସ୍ ସଂସ୍ଥା ଖୋର୍ଦ୍ଧା ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ, କିଶୋର କୁମାର ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ରେଡକ୍ରସ୍ ପାଣ୍ଠି ଆଦାୟ ବୃଦ୍ଧି ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର ଯୋଗଦେଇ ପାୱାର ପଏଣ୍ଟ ଉପକରଣର ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷରେ ଆୟ, ବ୍ୟୟ ଏବଂ ବିଭିନ୍ନ ଜନଶୁଣାଣି କାର୍ଯ୍ୟରେ ଅଭିଯୋଗକାରୀମାନଙ୍କୁ ପ୍ରଦାନ କରାଯାଉଥିବା ସହାୟତା ରାଶି ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସହ ପ୍ରତ୍ୟେକ ବ୍ଲକରେ ରେଡକ୍ରସ୍ ରକ୍ତ ଦାନ ଶିବିର କରିବାକୁ ପ୍ରତ୍ୟେକ ବ୍ଲକର ବିଡିଓ ଏବଂ ତହସିଲଦାର ଓ ପ୍ରାଥମିକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଧିକାରୀମାନେ ମିଳିତ ଭାବେ ସେମାନଙ୍କ ଅଞ୍ଚଳର ମହାବିଦ୍ୟାଳୟ ମାନଙ୍କରେ ବହୁଳ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବିଭିନ୍ନ କାର୍ଯ୍ୟାଳୟର ରେଡକ୍ରସ୍ କାର୍ଯ୍ୟକଳାପ ଉପରେ ଅଧକ୍ଷ ଶ୍ରୀ ପ୍ରଧାନ ସମୀକ୍ଷା କରିଥିଲେ । ସେହିପରି ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ରେଡକ୍ରସ୍ ତରଫରୁ ପ୍ରଦାନ କରାଯାଉଥିବା ସହାୟତା ରାଶିରେ ଉନ୍ନତ ମାନର ଖୁବ୍ ପରିଚିତ କମ୍ପାନୀର ଜିନିଷ ଲଗାଇବାକୁ ଜିଲା ଷିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ବିଡିଓ, ତହସିଲଦାର, ଗ୍ରାମ୍ୟ ନିର୍ମାଣ ବିଭାଗ, ପୂର୍ତ୍ତ, ବେସାମରିକ ଯୋଗାଣ ବିଭାଗ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ରେଡକ୍ରସ୍ ପାଣ୍ଠି ଆଦାୟ ଚଳିତ ବର୍ଷ ଯଥେଷ୍ଟ ପରିମାଣରେ ବୃଦ୍ଧି କରିବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାରେ ରେଡକ୍ରସ୍ ପାଣ୍ଠି ଆଦାୟ ବୃଦ୍ଧି ଦିଗରେ ଗୁରୁତ୍ୱାରୋପ କରି କଣ୍ଟ୍ରାକ୍ଟରମାନଙ୍କୁ ଯେତେବେଳେ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି ସେତେବେଳେ ଜିଲ୍ଲା ରେଡକ୍ରସ୍ ପାଣ୍ଠି ପାଇଁ ରସିଦ କାଟିବାକୁ ପରାମର୍ଶ ଦେଇଥିଲେ । ରେଡକ୍ରସ୍ ପାଣ୍ଠିର ବିନିଯୋଗ ଅତି ଜରୁରୀ କାର୍ଯ୍ୟରେ ଜିଲ୍ଲାପ୍ରଶାସନ ପକ୍ଷରୁ ଲୋକଙ୍କ ହିତରେ ବ୍ୟବହାର କରାଯାଉଥିବାରୁ ସମସ୍ତ ଅଧିକାରୀ କର୍ତ୍ତବ୍ୟ ପାରାୟଣ ହୋଇ ରେଡକ୍ରସ ପାଣ୍ଠି ଆଦାୟ ନିଶ୍ଚିତ ଭାବେ ବୃଦ୍ଧି କରିବା ପାଇଁ କହିଥିଲେ । ଅଦ୍ୟ ତାରିଖ ସୁଦ୍ଧା ଜିଲ୍ଲା ରେଡକ୍ରସ୍ ପାଣ୍ଠି ଖାତାରେ ୧,୨୯,୬୮,୩୭୧.୦୦ ଅର୍ଥ ଅଛି । ସେହିପରି ସ୍ଥାୟୀ ଜମାରାଶି ବିଭିନ୍ନ ବ୍ୟାଙ୍କରେ ଥିବା ଜମାରାଶିକୁ ନେଇ ୬,୩୬,୩୨,୮୫୭.୦୦ ଥିବା ବୈଠକରୁ ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ଡେପୁଟି କଲେକ୍ଟର ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷର ବିସ୍ତୃତ ଆୟ ବ୍ୟୟ ଉପସ୍ଥାପନ କରିଥିଲେ । ବୈଠକରେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧାପକ, ପଦାର୍ଥ ବିଜ୍ଞାନ ସୁବୋଧ କୁମାର ଜଗଦେବ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଳ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ, ଖୋର୍ଦ୍ଧା ଅରବିନ୍ଦ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ପଂଚାୟତ ଅଧିକାରୀ ଶୁଭେନ୍ଦୁ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ସମସ୍ତ ବିଡିଓ, ତହସିଲଦାର, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ନିର୍ବାହୀ ଅଧିକାରୀ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

# ବାଲିଯାତ୍ରା ପ୍ରଜ୍ଞାପନ ମେଢ଼କୁ ଭବ୍ୟ ସ୍ୱାଗତ

**ଯାଜପୁର (ଭିଓଭି) :** ଐତିହାସିକ କଟକ ବାଲିଯାତ୍ରାର ସମୃଦ୍ଧ ସାମାଜିକ-ସାଂସ୍କୃତିକ ମହତ୍ତ୍ୱ ଏବଂ ସାମୁଦ୍ରିକ ନୌବାଣିଜ୍ୟ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଶେଷ ଭାବରେ ପ୍ରସ୍ତୁତ କରାଯାଇଥିବା ବାଲିଯାତ୍ରା ପ୍ରଜ୍ଞାପନ ମେଢ଼କୁ ଆଜି ଯାଜପୁରରେ ପହଞ୍ଚିବା ପରେ ଜିଲ୍ଲା ଅଧିକାରୀ ଏବଂ କର୍ମଚାରୀମାନେ ଭବ୍ୟ ସ୍ୱାଗତ କରିଛନ୍ତି। ନିର୍ଦ୍ଧାରିତ ସମୟ ଅନୁଯାୟୀ ପ୍ରାୟ ଦିନ ୧୨:୦୦ ଟାରେ ପ୍ରଜ୍ଞାପନ ମେଢ଼ଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏହି ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକଟର ଏବଂ ଯାଜପୁର ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀଗଣ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଏହି ପ୍ରଜ୍ଞାପନ ମେଢ଼ଟି ପ୍ରସିଦ୍ଧ କଟକ ବାଲିଯାତ୍ରା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଏକ ସଚେତନତା ଅଭିଯାନର ଅଂଶବିଶେଷ। ଐତିହାସିକ ବାଲିଯାତ୍ରା ଏବଂ ପ୍ରାଚୀନ କଳିଙ୍ଗ ଏବଂ ବାଲି, ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ ଭଳି ଦକ୍ଷିଣ-ପୂର୍ବ ଏସୀୟ ଦେଶ ମଧ୍ୟରେ ଚାଲିଥିବା ସାମୁଦ୍ରିକ ନୌବାଣିଜ୍ୟର ଗୌରବମୟ ଅତୀତର ବାର୍ତ୍ତା ନେଇ ଏହି ମେଢଟି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଭ୍ରମଣ କରୁଛି ।ଏହା ବ୍ୟାସନଗର ଓ ତା'ପରେ ଚଣ୍ଡିଖୋଲ ଅଭିମୁଖେ ଯିବା ପରେ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲ୍ଲା ଅଭିମୁଖେ ଯିବାକୁ କାର୍ଯ୍ୟସୂଚୀ ରହିଛି। ଏହି ସଚେତନତା ରଥର ଭ୍ରମଣ ହେଉଛି କଟକ ଜିଲ୍ଲା ପ୍ରଶାସନର ଏକ ପଦକ୍ଷେପ, ଯାହା ପ୍ରାଚୀନ ଓଡ଼ିଆ ସାଧବମାନଙ୍କ ଦୁଃସାହସିକ ଯାତ୍ରାକୁ ସ୍ମରଣ କରୁଥିବା ବାଲିଯାତ୍ରା ଉତ୍ସବର ଐତିହାସିକ ତଥା ସାଂସ୍କୃତିକ ଗଭୀରତାକୁ ଅଧିକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ କରାଯାଇଛି।



# ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପାଠ୍ୟପୁସ୍ତକ ବଦଳିବ

**ଭୁବନେଶ୍ୱର (ଭି ଓ ଭି) :** ଆଗାମୀ ଦିନରେ ପିଲା ଆଉ ପୁରୁଣା ବହି ପଢ଼ିବେନାହିଁ। ସେମାନଙ୍କ ପାଇଁ ନୂଆ ବହିର ବ୍ୟବସ୍ଥା କରାଯିବ। ପ୍ରଥମଶ୍ରେଣୀରୁ ଆରମ୍ଭ କରି ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟପୁସ୍ତକ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ପ୍ରଥମରୁ ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବଦଳିବ। ଏହାର ପ୍ରସ୍ତୁତି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଜାରି ରହିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ହେଉଥିବା ବିଦ୍ୟାଳୟ ଗୁଡ଼ିକର ପ୍ରଥମରୁ ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପରିବର୍ତ୍ତନ କରିବା ପାଇଁ ସରକାରଙ୍କ ପରିକଳ୍ପନା ରହିଛି। ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଡ୍ରାଫ୍ଟ କରିବା ପାଇଁ କମିଟି ଗଠନ କରାଯାଇଛି। ପାଠ୍ୟପୁସ୍ତକ ଏବଂ ପାଠ୍ୟକ୍ରମ ବିକାଶ ପାଇଁ ବିଷୟ ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ ହୋଇଛି। ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନସିଏଫ)ର ସମାନ୍ତରାଳରେ ରାଜ୍ୟ ପାଠ୍ୟକ୍ରମ ରୂପରେଖ ପ୍ରସ୍ତୁତ କରିବା ତଥା ସ୍ଥାନୀୟ ପ୍ରସଙ୍ଗ ଯଥା- ଓଡ଼ିଶାର ସାଂସ୍କୃତିକ, ଭୌଗୋଳିକ, ଲଜିଷ୍ଟିକ୍ ବିଷୟବସ୍ତୁକୁ ଆବଶ୍ୟକତା ଅନୁସାରେ ପାଠ୍ୟପୁସ୍ତକରେ ସ୍ଥାନିତ କରିବାକୁ ସ୍ଥିରୀକୃତ ହୋଇଥିବା ମନ୍ତ୍ରୀ ଦର୍ଶାଇଛନ୍ତି। କେବେ ପିଲା ନୂଆ ପାଠ୍ୟପୁସ୍ତକ ପଢ଼ିବେ ? ?ସ ସମ୍ପର୍କରେ କିଛି ସ୍ପଷ୍ଟ ହୋଇନି। ଶିକ୍ଷା ବ୍ୟବସ୍ଥାରେ ସମୟୋପଯୋଗୀ ସୁଧାର ଆଣିବା ଏବଂ ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ସରକାର ପାଠ୍ୟପୁସ୍ତକ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକସ୍ତର ଯାଏଁ ସମସ୍ତ ଛାତ୍ରଛାତ୍ରୀ ନୂଆ ବହି ପଢ଼ିବାର ସୁଯୋଗ ପାଇବେ।



# 'ବିଶ୍ୱବାଣୀ'ର ବିଂଶତମ ବାର୍ଷିକୋତ୍ସବ ଅନୁଷ୍ଠିତ

**ଭୁବନେଶ୍ୱର (ଭିଓଭି) :** ଓଡ଼ିଶାର ଏକମାତ୍ର ତ୍ରିଭାଷୀ ଦୈନିକ ଖବର କାଗଜ 'ବିଶ୍ୱବାଣୀ'ର ବିଂଶତମ ବାର୍ଷିକ ଉତ୍ସବ ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ସନତ ମିଶ୍ର, ମୁଖ୍ୟ ଅତିଥି ଭାବେ ରାଜସ୍ୱ ବିଭାଗ ମନ୍ତ୍ରୀ ସୁରେଶ ପୁଝାରୀ କହିଲେ ଯେ ସତ୍ୟ ପଥରେ ଯାଉଥିବା ବ୍ୟକ୍ତିମାନେ ସବୁବେଳେ କଣ୍ଟକିତ। ତେଣୁ ସମ୍ବାଦପତ୍ର ରାସ୍ତାରେ କିଭଳି କୁସୁମିତ ହେବ ମୁଖ୍ୟବକ୍ତା ଭାବେ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର ନିଜ ବକ୍ତବ୍ୟରେ




କହିଲେ ଯେ, ରାଜ୍ୟର ସମସ୍ତ ସାମ୍ବାଦିକମାନଙ୍କୁ ରାସନ କାର୍ଡ ଯୋଗାଇ ଦେବା ପାଇଁ ମୁଁ ଉଦ୍ୟମ କରୁଛି। ଖୁବ ଶିଘ୍ର ସବୁ ସାମ୍ବାଦିକ ମାନଙ୍କୁ ଏଥିରେ ସାମିଲ କରାଯିବ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଲେ ଯେ, ଛପା ଗଣମାଧ୍ୟମ ମଣିଷ ସମାଜ ପାଇଁ ଅପରିହାର୍ଯ୍ୟ। ସୂର୍ଯ୍ୟ ଚନ୍ଦ୍ର ଥିବା ପର୍ଯ୍ୟନ୍ତ ଛପା ଗଣମାଧ୍ୟମ ରହିବ। ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ ରାଜ୍ୟରୁ ତିନୋଟି ଭାଷାରେ ପ୍ରକାଶିତ ବିଶ୍ୱବାଣୀ ପରିବାର ନିଶ୍ଚିତ ଧନ୍ୟବାଦର ପାତ୍ର । ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିବା ବ୍ୟକ୍ତିବିଶେଷ ହେଲେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ପୂର୍ବତନ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ବିଜେପି ନେତା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଜେପି ନେତା ମହେଶ ମହାନ୍ତି, ବିଜେପି ନେତା ଗୌତମ ବେହେରା, ପ୍ରାକ୍ତନ ଆୟକର ପ୍ରଧାନ ଆୟୁକ୍ତ ଶରତ ଦାଶ, ସୁପ୍ରିମ କୋର୍ଟ ଆଇନଜୀବୀ ନିର୍ଭୟ ସାମନ୍ତରାୟ, ଆଇଓୟୁଡବ୍ଲୁଜେ ସଭାପତି ଡଃ ପୀତବାସ ମିଶ୍ର, ଓୟୁଡବ୍ଲୁଜେ ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ, ବିଶ୍ୱବାଣୀର ବାର୍ତ୍ତା ସଂପାଦକ ଜ୍ଞାନ ରଞ୍ଜନ ଦାସ, ବିଶ୍ୱବାଣୀର ସଂପାଦକ ଅର୍ଜୁନ ମୁଦୁଲି ସଂପାଦକୀୟ ବିବରଣୀ ପାଠ କରିବା ସହ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ଶେଷରେ ରାଜ୍ୟର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କୋଣାର୍କ ଉତ୍ସବରେ ମନ ମୋହୁଛି ସୁଭଦ୍ରା ଶକ୍ତି ମେଳା



**କୋଣାର୍କ (ଭିଓଭି) :** ସୁଭଦ୍ରା ଶକ୍ତି ମେଳା ଆମ ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନର ଶକ୍ତି କ୍ଷେତ୍ର ପାଲଟିଛି । ଆମେ ଯେଉଁ ଉତ୍ପାଦ କରୁଛୁ ତାହାର ପ୍ରଦର୍ଶନ ଓ ବିକ୍ରି ସୁଭଦ୍ରା ଶକ୍ତି ମେଳାରେ କରିବା ସହ ଆମ ଆର୍ଥିକ ସ୍ଥିତିକୁ ମଜଭୁତ କରିପାରୁଛୁ ବୋଲି କହିଛନ୍ତି ଉତ୍ପାଦକ ଗୋଷ୍ଠୀର ମା ମାନେ । କୋଣାର୍କ ଚନ୍ଦ୍ରଭାଗା ଠାରେ ଆୟୋଜିତ ହେଉଛି ସୁଭଦ୍ରା ଶକ୍ତି ମେଳା । ଗତ ୧ ତାରିଖ ଠାରୁ ଏହାର ଶୁଭାରମ୍ଭ ହୋଇଥିବା ବେଳେ ଚଳିତ ମାସ ୭ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ରାଜ୍ୟର ବିଭିନ୍ନ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଉତ୍ପାଦକକୁ ଏଠାରେ ପ୍ରଦର୍ଶିତ କରି ଲୋକମାନଙ୍କୁ ଆକୃଷ୍ଟ କରୁଛନ୍ତି । ବ୍ୟବସାୟୀମାନେ ପାରମ୍ପରିକ ଖାଦ୍ୟ ଶସ୍ୟ ଓ ମସଲା, ଦେଶୀ ନାଲି ଚାଉଳ ହଳଦୀ, ମାଣ୍ଡିଆ ଇତ୍ୟାଦି ବିକ୍ରି କରି ଖୁସି ଅଛନ୍ତି । ଏଠାରେ ପ୍ରଥମ ଥର ମେଳା ହେଉଛି । ବିକ୍ରି ଯେଉଁଭଳି ହେଉଛି ତାହା ସନ୍ତୋଷଜନକ । ଏଠାରେ ଯଦି ନିୟମିତ ମେଳା ହୁଅନ୍ତା ତେବେ ଲୋକଙ୍କୁ ଆକୃଷ୍ଟ କରିବ ଓ ଆମର ବ୍ୟବସାୟ ଭଲ ହେବ ବୋଲି କହିଛନ୍ତି ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମାମାନେ । ଖାଦ୍ୟ ମେଳା ମଧ୍ୟ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ସାଜିଛି । ମିଶନ ଶକ୍ତି ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମିଶନ ଶକ୍ତିର ସମ୍ପୂର୍ଣ୍ଣ ଟିମ ମେଳାକୁ ସରସ ସୁନ୍ଦର କରିବାକୁ ଯତ୍ନବାନ ଅଛନ୍ତି । ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଦର୍ଶକ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ପ୍ରତି ସଂଧ୍ୟାରେ ସୁଭଦ୍ରା ଶକ୍ତି ମେଳା ଷ୍ଟେଜରେ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି ।

# ବଳଙ୍ଗା ପୋଲିସକୁ ବଡ଼ ସଫଳତା



**ନିମାପଡ଼ା (ଭିଓଭି) :** ଗତ ୨ ତାରିଖ ଦିନ ସଂଧ୍ୟା ସମୟରେ ଜମି ବିବାଦକୁ କେନ୍ଦ୍ର ବଳଙ୍ଗା ଥାନା ତୋରିହାଁବନ୍ଧ ଗାଁର ଅମୀୟ ପ୍ରଧାନ (୪୬)ଙ୍କୁ ହତ୍ୟା କରାଯାଇଥିଲା । ତେବେ ଅଭିଯୁକ୍ତ ପୁତୁରା ଫେରାର ହୋଇଯାଇଥିବା ବେଳେ ତାକୁ ଧରିବା ପାଇଁ ବଳଙ୍ଗା ପୁଲିସ ପକ୍ଷରୁ ଦୁଇଟି ଦଳ ଗଠନ କରାଯାଇ ଆଖପାଖରୁ ୩ ଜଣକୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତକୁ ଭୁନେଶ୍ୱର ଠାରୁ ଗିରଫ କରିଯାଇଥିଲା । ବଳଙ୍ଗା ପୋଲିସ ୨୭୦/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଅଶ୍ୱିନୀ କୁମାର ପ୍ରଧାନ (୨୪), ପ୍ରଭାତୀ ପ୍ରଧାନ (୪୫), ସଞ୍ଜୟ ବିଦିକା (୪୦) ଓ ଲକ୍ଷ୍ମୀପ୍ରିୟା ପ୍ରଧାନ (୨୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏପଟେ ହତ୍ୟା କରାଯାଇଥିବା ମାରଣାସ୍ତ୍ର ସହ ଏକ ବୁଲେଟ ଗାଡ଼ି ଜବତ କରାଯାଇଛି । ଆଜି ସାମ୍ବାଦିକ ସମ୍ମିଳନୀରେ ଡିଏସପି ଦେବାଶିଷ ମିଶ୍ର, ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଓ ଏସଆଇ ସସ୍ମିତା ବେହେରା ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଘଟଣା ସ୍ଥଳରେ ବଳଙ୍ଗା ପୋଲିସ ଓ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ରକ୍ତ ନମୂନା ସଂଗ୍ରହ କରି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ସାକ୍ଷ୍ୟ ପ୍ରମାଣ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ୪ ଜଣକୁ ଗିରଫ କଲୁ ଏବଂ ବଳଙ୍ଗା ପୋଲିସ ସଫଳତା ପାଇଛି ବୋଲି ଡିଏସପି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଉପକାରାଗାରକୁ ପଠାଇ ଦିଆଯାଇଛି ।

# ବିଶ୍ୱକପ୍ ବିଜେତା ଟି-୨୦ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଖେଳାଳୀଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର (ଭିଓଭି) :** ନିକଟରେ ଅନୁଷ୍ଠିତ ବିଶ୍ୱସ୍ତରୀୟ ଟି-୨୦ ଦୃଷ୍ଟିହୀନ ମହିଳା କ୍ରିକେଟ ବିଶ୍ୱକପ୍‌ରେ ଭାରତ ଦଳକୁ ଐତିହାସିକ ବିଜୟ ଦେବାରେ ଓଡ଼ିଶାର ୪ ଜଣ କନ୍ୟାଙ୍କ ଗୌରବମୟ ଅବଦାନକୁ ସମ୍ମାନ ଜଣାଇ ବାଲେଶ୍ୱର ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଯାଇଛି । ଏହି ସମ୍ମାନିତ ଖେଳାଳୀମାନେ ହେଲେ ଫୁଲା ସୋରେନ, ବସନ୍ତୀ ହାଁସଦା, ପାର୍ବତୀ ମାରାଣ୍ଡି ଓ ଜାମୁନା ଟୁଡୁ । ସେମାନଙ୍କ ଅଦମ୍ୟ



ସାହସ, ପ୍ରତିଭା ଓ କଠୋର ପରିଶ୍ରମ ଦ୍ୱାରା ଭାରତ ଦଳ ବିଶ୍ୱକପ୍ ଜୟ କରିଥିବାରୁ ସମଗ୍ର ଦେଶ ସହ ଓଡ଼ିଶା ଗର୍ବିତ ହୋଇଛି । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଛ ଚାରା ଓ ଉତ୍ତରୀୟ ପ୍ରଦାନ କରି ସେମାନଙ୍କୁ ସମ୍ମାନିତ କରାଯାଇଥିଲା । ନିଜ ଦୃଢ଼ ସଂକଳ୍ପ ଓ ଅଭ୍ୟାସ ଦ୍ୱାରା ସଫଳତା ହାସଲ କରିଥିବା ଏହି ଖେଳାଳୀମାନେ ଆଗାମୀ ପିଢ଼ି ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି ବୋଲି କହିଥିଲେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ।

# ସାମୂହିକ ଫାଇଲେରିଆ ଔଷଧ ସେବନ

**ଢେଙ୍କାନାଳ (ଭିଓଭି) :** ଆସନ୍ତା ଫେବୃୟାରୀ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଢେଙ୍କାନାଳ ଜିଲାରେ ଅନୁଷ୍ଠିତ ହେବ । ଏଥିନିମନ୍ତେ ଡିସେମ୍ବର ୪ ତାରିଖରେ ଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲାର ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଔଷଧ ସେବନ କାର୍ଯ୍ୟକ୍ରମରେ ଗନ୍ଦିଆ ବ୍ଲକକୁ ଅର୍ନ୍ତଭୁକ୍ତ କରାଯାଇଥିବା ବେଳେ ୬୦୮୯୧ଲୋକଙ୍କୁ ଔଷଧ ଦିଆଯିବ । ପ୍ରତ୍ୟକ ଲୋକଙ୍କୁ ଜି.ଇ.ସି ଆଲବେଣ୍ଡାଜୋଲ



ଓ ଆଭରମେକ୍ଟିନ୍ ଔଷଧ ଦିଆଯିବ । ଏହି ଔଷଧକୁ ବଣ୍ଟନ ନ କରି ଲୋକମାନଙ୍କୁ ଖାଇବାକୁ ଦିଆଯିବ । ଲୋକଙ୍କୁ ଖୁଆଇବା ପାଇଁ ବିଭିନ୍ନ ପ୍ରକାରର ବିଜ୍ଞାପନ ମାଧ୍ୟମରେ ସଚେତନ କରାଯିବ । ଔଷଧ ବଣ୍ଟନ ପାଇଁ ୬୭୭ଜଣଙ୍କୁ ନିୟୋଜିତ କରାଯିବ । ଏଥିରେ ଆଶାକର୍ମୀ ଓ ଅଙ୍ଗନାବାଡୀକର୍ମୀ ନିୟୋଜିତ ହେବେ । ଏଣୁ ଏହି କାର୍ଯ୍ୟକ୍ରମ ପାଇଁ ପ୍ରତ୍ୟକ ବିଭାଗର ସହଭାଗିତା ଆବଶ୍ୟକ । ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଏଥିନିମନ୍ତେ ସବୁ ବିଭାଗର ଅଧିକାରୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ଏହି ବୈଠକରେ ଜିଲା ଉନ୍ନୟନ ଅଧିକାରୀ ତଥା ନିର୍ବାହ ଅଧିକାରୀ ଜିଲାପରିଷଦ, ଜିଲା ମଙ୍ଗଳ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ପଞ୍ଚାୟତ ଅଧିକାରୀ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଗନ୍ଦିଆ ଚିକିତ୍ସା ଅଧିକାରୀ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ଶିଶୁ ଅନନ୍ତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ବାଲିପାଟଣା (ଭିଓଭି) :** ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ ଅନନ୍ତ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ପଞ୍ଚସଖା ଯୁଗର କନିଷ୍ଠ ସନ୍ଥମହାପୁରୁଷ ଶିଶୁ ଅନନ୍ତଙ୍କ ଜନ୍ମ ଜୟନ୍ତୀ ଉତ୍ସବ ବାଲିପାଟଣା ସ୍ଥିତ ଶିଶୁ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଅଭିମନ୍ୟୁ ନାୟକ ଏବଂ ସମ୍ପାଦିକା ତନୟା ଦାସ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମା ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ଯୋଗଦେଇ କହିଥିଲେ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ଜୀବନ୍ତ ଠାକୁର । ପଞ୍ଚସଖାଙ୍କ ସହିତ ସେ ଲୀଳାଖେଳା କରୁଥିଲେ । ଆମେ ସ୍ୱାଧୀନ ହେଲେ ମଧ୍ୟ ଏବେବି ଆମକୁ ଇଂରେଜ ସଭ୍ୟତା ଛାଡି ନାହିଁ । ମୋବାଇଲ ଏବଂ ଇସ୍କନ୍ ଆମକୁ ପଥଭ୍ରଷ୍ଟ କରୁଛନ୍ତି । ଜଗନ୍ନାଥଙ୍କ ଇଚ୍ଛା ଆମକୁ ସମସ୍ତଙ୍କୁ ପଥରେ ଚାଲି ରଥ ଟାଣିବାକୁ ହେବ । ମୁଖ୍ୟ ବକ୍ତା ଡ:ନିରଞ୍ଜନ ସାହୁ କହିଥିଲେ ଯେ ଯଦି ପଞ୍ଚସଖାଙ୍କ ଆବିର୍ଭାବ ହୋଇ ନଥାନ୍ତା ତେବେ ଆମର ଭାଷା ବଞ୍ଚି ପାରି ନଥାନ୍ତା । ପୂର୍ବତନ ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଡ: ଅରବିନ୍ଦ ଢ଼ାଲି ପୀଠର ଉନ୍ନତି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଗୁରୁପ୍ରସାଦ ପୃଷ୍ଟି ଶିଶୁ ଅନନ୍ତ ସାଧନା ସମ୍ପର୍କରେ ତଥ୍ୟ ରଖୁଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା । ପୂର୍ବତନ ଅଧ୍ୟାପିକା ଅନନ୍ତଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଡ:ପ୍ରତିଭା ମହାରଥୀଙ୍କୁ ଶିଶୁ ଅନନ୍ତ ସମ୍ମାନ, ପୂର୍ବତନ ପ୍ରଶାସକ ଡ ଅଞ୍ଚଳ ବିହାରୀ ଓତାଙ୍କୁ ବାଲିପାଟଣା ଗୌରବ ସମ୍ମାନ, କଣ୍ଠ ଶିଳ୍ପୀ ଗୀତାରାଣୀ ଦାସଙ୍କୁ ବାବା ମଧୁସୂଦନ ସମ୍ମାନ, ଦିଲ୍ଲୀପ ହାଲୀଙ୍କୁ ଚଳଚିତ୍ର ସମୀକ୍ଷକ ସମ୍ମାନ, ଡ ଇତିରାଣୀ ସାମନ୍ତଙ୍କୁ ବଡ଼ଭାଇ ନଦୀୟା ବିହାରୀ ସମ୍ମାନ, କବି ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ ଅବଦୁଲ ଓସିଦ ସ୍ମୃତି ସମ୍ମାନ ଓ ବସନ୍ତ କୁମାର ଦାଶଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା ।



# THE SOIL WE IGNORE –THE FUTURE WE RISK

## *A World Soil Day Reflection*



Nihar Ranjan Acharya

When we speak about development, progress, and modern civilization, the first images that come to mind are tall buildings, highways, industries, and digital cities. Yet, underneath every footprint of humanity lies a quiet, often forgotten foundation — soil. It does not demand recognition, applause, or awards. Yet, it silently supports life, food, climate, biodiversity, and human existence.

Today, on World Soil Day, the world pauses — not to admire skyscrapers, but to acknowledge the humble soil beneath them.

Why Soil Deserves Our Attention

Soil is not merely dust or dirt. It is a miraculous, living ecosystem."A single teaspoon of healthy soil contains:

* Millions of microorganisms

* More species than an entire forest

* Nutrients essential for agriculture and life

Nearly 95% of the food we eat grows from soil. Without it, there is no rice, wheat, vegetables, fruits, or forests. Soil also plays a major role in regulating climate — absorbing and storing vast amounts of carbon, reducing global warming.

Yet, despite its value, soil remains the most abused and exploited natural resource.

A Silent Crisis: Soil Is Dying

Due to rapid industrialization, deforestation, mining, chemical farming, and poorly planned urbanization, the world's fertile soil is diminishing at an alarming rate.

Each year, the planet loses millions of hectares of fertile land.

Soil that takes 500 years to form can be destroyed in just a few seasons.

Without healthy soil, water cannot recharge — leading to droughts, floods, and food insecurity.

If this continues, the question is not whether there will be a crisis —"but when.

Development: Progress or Blind Expansion?

It is often asked:

"Soil protection — is it only our duty?"

The answer is:

Soil protection is not just an individual responsibility — it is a shared moral and civic duty of individuals, farmers, policymakers, industries, builders, and governments.

Development cannot come at the cost of the Earth's survival. A nation is not developed when it builds tall structures — but when it protects the systems that sustain life.

True development respects balance, biodiversity, and future generations.

What Can We Do?

Small acts create big impact:

Adopt sustainable farming


Avoid excessive chemical fertilizers

Plant and protect trees

Support soil conservation policies

Prevent soil erosion and land degradation

Promote composting




and organic matter return to earth

Protecting soil today ensures food, water, stability, and life tomorrow.

A Thought to Remember

We do not inherit the soil from our ancestors — we borrow it from our children.

Let us choose wisely.

Let us protect the soil.

Because when we save soil, we save life itself.

Ph. 8249775817
E-Mail: nihar.acharya1973@gmail.com



## କୋଟଗଡ଼ ଅଭୟାରଣ୍ୟ ଅର୍ଥ ହରିଲୁଟ୍ ଅଭିଯୋଗ

# କ୍ଷୟ ହେଉଛି ଜଙ୍ଗଲ : ଚେଇଁ ଶୋଇଛି ବନ ବିଭାଗ

**କନ୍ଧମାଳ (ଭିଓଭି) :** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅନ୍ତର୍ଗତ କୋଟଗଡ଼ ଅଭୟାରଣ୍ୟ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ । ଘଞ୍ଚ ଜଙ୍ଗଲ ଘେରା ଏହି ଅଭୟାରଣ୍ୟର ସୀମା ବେଲଘର ବନାଞ୍ଚଳ ଏବଂ କୋଟଗଡ଼ ବନାଞ୍ଚଳ ମଧ୍ୟରେ ପରିବ୍ୟାପ୍ତ । ଏହି ଅଭୟାରଣ୍ୟରେ ରହିଆସୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଏକାଧିକ ବନ୍ୟ ପ୍ରକଳ୍ପ ଜରିଆରେ କୋଟି କୋଟି ଅର୍ଥ ବ୍ୟୟ କରି ଅଭୟାରଣ୍ୟ ଉନ୍ନୟନ କାର୍ଯ୍ୟ କରାଯାଇଆସୁଥିବା ଡିମଡ଼ିମ ପିଟୁଛି ବିଭାଗ । ବିଶେଷକରି କୋଟଗଡ଼ ବନାଞ୍ଚଳ ଅନ୍ତର୍ଗତ ଲାସେରୀ ସେକ୍ସନରେ ଏହି ସବୁ ବିକାଶ କାର୍ଯ୍ୟ ସମ୍ପାଦନ ହେଉଥିବା ବିଭାଗ ପକ୍ଷରୁ କୁହାଯାଉଛି । ତେବେ ଅଭୟାରଣ୍ୟ ଭିତରେ ବସବାସ କରିଆସୁଥିବା ଜନଜାତି ସମ୍ପ୍ରଦାୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାଇ ବିଭାଗୀୟ କାଗଜକଲମ ତଥ୍ୟ ଠାରୁ ବାସ୍ତବ ଚିତ୍ର ସମ୍ପୂର୍ଣ ଓଲଟା । ଲାସେରୀ ସେକ୍ସନର ପିପାଡ଼ି ଜଙ୍ଗଲ




ସ୍ଥିତ ଅଭୟାରଣ୍ୟ ପ୍ରବେଶ ଫାଟକକୁ ଲାଗି କିଛି ଜଙ୍ଗଲ ରହିଥିବା ବେଳେ ମାତ୍ର ଶହେ ମିଟର ଭିତରକୁ ଗଲେ ପୂରା ଫାଙ୍କା ପଡିଛି ଅଭୟାରଣ୍ୟ । ଶହ ଶହ ଏକର ଜଙ୍ଗଲ ସଫା କରି ପଡିଆରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଆସୁଛନ୍ତି ଲୋକେ । ଏହି ଜଙ୍ଗଲ ଭିତରେ ଅବାଧରେ ଚାଲିଛି ବନ୍ୟପ୍ରାଣୀଙ୍କ ଶିକାର ଯାହା ଗତ ୬ ମାସ ତଳେ ଗୋଲମପଙ୍ଗା ଅଞ୍ଚଳରୁ ଜଣକୁ ଗିରଫ ପରେ ସ୍ପଷ୍ଟ ହୋଇଛି । ଶାଳ, ପିଆଶାଳ, ଶାଗୁଆନ ଇତ୍ୟାଦି ବହୁ ମୂଲ୍ୟବାନ ଗଛ ଅବାଧରେ କଟା ଚାଲିଥିବା ମଧ୍ୟ ବାରମ୍ବାର ପ୍ରମାଣିତ ହୋଇଛି । ଅଭୟାରଣ୍ୟର ଉନ୍ନୟନ ବାବଦରେ ପ୍ରତିବର୍ଷ ଆବଶ୍ୟକ ମୁତାବକ ପୋଖରୀ, ଚେକଡ୍ୟାମ, ଟ୍ରେଞ୍ଚ ଲାଇନ ଇତ୍ୟାଦି ନିର୍ମାଣ କେବଳ ପ୍ରହସନ ଚାଲିଥିବା ବେଳେ ବିଭିନ୍ନ ଉପାୟ ଅବଲମ୍ବନ କରି ଅନୁଦାନ ଅର୍ଥକୁ ଆତ୍ମସାତ କରିଆସୁଥିବା ଅଭିଯୋଗ ହୋଇଛି । ତେବେ ଗତ ମାସରେ ଦୁର୍ଗାପଙ୍ଗା ସେକ୍ସନର କାଜୁ ବଗିଚାରୁ ସନ୍ଦେହ ଜନକ ଭାବେ ୧ ୨ ଟି ଶାଗୁଆନ ଗଣ୍ଡି ଜବତ ପରେ ଏହା ଲାସେରୀ ଅଭୟାରଣ୍ୟ ଅଞ୍ଚଳରୁ କଟା ଯାଇଥିବା ଏସିଏଫଙ୍କ ତଦନ୍ତ ପରେ ସ୍ପଷ୍ଟ ହୋଇଥିଲା । ବର୍ତ୍ତମାନ ମଧ୍ୟ ଉକ୍ତ ଅଭୟାରଣ୍ୟ ଅଞ୍ଚଳରେ ଶହ ଶହ ଗଛ ଶୁଖିକି ପଡ଼ି ରହିଥିବା ବେଳେ ସମ୍ପୃକ୍ତ ବନରଖି ନିଜ ଦୋଷ ଦୁର୍ଗାପଙ୍ଗା ବନପାଳଙ୍କ ଉପରେ ଲଦି ନିଜେ ଖସିଯିବାକୁ ଉଦ୍ୟମ ଏକ ପ୍ରକାର ଭଣ୍ଡୁର ହୋଇଥିବା ପ୍ରଘଟ ହୋଇଥିଲା । ତେବେ ନିଜ ଅଭୟାରଣ୍ୟ ଜଙ୍ଗଲ ସୁରକ୍ଷାରେ ବିଫଳ ତଥା ଅଭୟାରଣ୍ୟ ଜଙ୍ଗଲର ବିକାଶ ନାଁରେ ବିନାଶ ରଚିଥିବା ଲାସେରୀ ବିଟ ବନରକ୍ଷୀଙ୍କୁ କାହିଁକି ସୁରକ୍ଷା ଦେଉଛନ୍ତି ସ୍ଥାନୀୟ ଅଧିକାରୀ ତାହା ଏବେ ବଡ଼ ପ୍ରଶ୍ନବାଚୀ । ଅପରପକ୍ଷେ କୋଟଗଡ଼ ବନାଞ୍ଚଳ ଅଧୀନରେ ଗୃହପାଳିତ ପଶୁମାନଙ୍କ ଟୀକାକାରଣ ନିମନ୍ତେ ଆସୁଥିବା ଅର୍ଥ ବର୍ଷ ବର୍ଷ ଧରି ଟୀକାକାରଣ ନକରି ଆତ୍ମସାତ କରାଯାଇଆସୁଥିବା ଅଭିଯୋଗ ହୋଇଛି । ଚଳିତ ବର୍ଷ କୋଟଗଡ଼ ବନାଞ୍ଚଳକୁ ୬ଟି ଫରେଷ୍ଟ ରୋଡ଼ ଉନ୍ନତିକରଣ ନିମନ୍ତେ ଆସିଥିବା ଅନୁଦାନକୁ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ବନାଞ୍ଚଳର ସମସ୍ତ ପାଞ୍ଚଟି ସେକ୍ସନ ଯଥା କୋଟଗଡ଼, ଲାସେରୀ, ଦୁର୍ଗାପଙ୍ଗା, ଶ୍ରୀରାମପୁର ଏବଂ ସୁବର୍ଣ୍ଣଗିରିକୁ ଗୋଟି ଗୋଟି କରି ବାଣ୍ଟିବା ବଦଳରେ କେବଳ ଗୋଟିଏ ସେକ୍ସନ ଲାସେରୀରେ ସବୁ ୬ ଟି ଯାକ ଫରେଷ୍ଟ ରାସ୍ତା ଅନୁମୋଦନ କରିବା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟକଳାପକୁ ଆହୁରି ଅଧିକ ସନ୍ଦେହ ଘେରକୁ ଟାଣି ଆଣିଛି । ତେବେ ଏହି ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କୁ ଉଚିତ ଦଣ୍ଡ ଦେବା ସହିତ ପ୍ରକୃତ ସତ୍ୟ ଉନ୍ମୋଚନ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲ ଦାବି କରିଛନ୍ତି ।

# ଜିଲ୍ଲା ମେଡିକାଲ କଲେଜ ରଣପୁର ବ୍ଲକରେ କରାଯିବା ପାଇଁ ଦାବି

**ରଣପୁର (ଭିଓଭି) :** ବିଧାନସଭାରେ ନୟାଗଡ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାନ ସମ୍ପର୍କରେ ମାନ୍ୟବର ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଦେଇଥିବା ପ୍ରସ୍ତାବକୁ ବିରୋଧ କରି ନୟାଗଡର କିଛି ନାମଜାଦା ବ୍ୟକ୍ତି ବିଶେଷ ଓ ସଂଗଠନ ନିଜ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଠାରେ ପ୍ରକାଶଯୋଗ୍ୟ ଯେ ନୟାଗଡ଼ ଜିଲ୍ଲା କହିଲେ ନୟାଗଡ଼ ସହର କିମ୍ବା ଜିଲ୍ଲା ମୁଖ୍ୟାଳୟକୁ ବୁଝାଯାଏ ନାହିଁ । ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ନୟାଗଡ ସହରରେ ହିଁ ଅଛି । ଜିଲ୍ଲାର ଅନ୍ୟ ସମସ୍ତ ଅଞ୍ଚଳର ସାମୁହିକ ଉନ୍ନତି ନିମନ୍ତେ ବିଭିନ୍ନ ସରକାରୀ ଅନୁଷ୍ଠାନକୁ ଅନ୍ୟ ବ୍ଲକ ମାନଙ୍କରେ ସ୍ଥାପନ କରାଗଲେ ଜିଲ୍ଲାର ସାମଗ୍ରୀକ ବିକାଶ ସମ୍ଭବ। ନୟାଗଡ ସହରରେ ଥିବା ଜିଲ୍ଲା ଚିକିତ୍ସାଳୟର ବିସ୍ତାର କରାଯାଇ ଏହାକୁ କଟକ ଏସ୍.ସି.ବି କିମ୍ବା ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲ ଭଳି କରାଯିବାକୁ ଦାବୀ ହେବା ଉଚିତ୍। ଏହାହେଲେ ଜିଲ୍ଲାର ଦୂର ଦୂରାନ୍ତରେ ବାସ କରୁଥିବା ଲୋକେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରନ୍ତେ । ରଣପୁର ବ୍ଲକ ନୟାଗଡ ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳ ଏବଂ ଏଠାରେ ସ୍ୱାସ୍ଥ୍ୟସେବା ଅତି ନିମ୍ନମାନର କହିଲେ ଅତ୍ୟୁକ୍ତି ହେବ ନାହିଁ। ନିକଟରେ ଆମ୍ବୁଲାନ୍ସ ଅଭାବ ପାଇଁ



ଏକ ମୂଲ୍ୟବାନ ଜୀବନ ଚାଲିଯିବା ଭଳି ଘଟଣା ସମଗ୍ର ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ରାଜସୁନାଖଳା ଏବଂ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଅତ୍ୟନ୍ତ ନୈରାଶ୍ୟଜନକ ଏବଂ ଏହା ଉପରେ ନିର୍ଭରଶୀଳ ରଣପୁର ବ୍ଲକ ସହିତ ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ଓ ଟାଙ୍ଗୀ ବ୍ଲକର ଅନେକ ଅଞ୍ଚଳ ଲୋକଙ୍କର ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅକ୍ଷମ। ଏହା ବ୍ୟତିରକେ ଏଠାରେ ପାରିପାର୍ଶ୍ୱିକ ଲୋକଙ୍କର ଆୟବୃଦ୍ଧି ନିମିତ୍ତ କୌଣସି ବୃହତ୍ ସରକାରୀ କିମ୍ବା ବେସରକାରୀ ପ୍ରକଳ୍ପ ନାହିଁ। ଆବଶ୍ୟକ ସ୍ୱାସ୍ଥ୍ୟସେବା ଅଭାବରୁ ଏହି ମ୍ୟାଲେରିଆ ପ୍ରବଣ ଜିଲ୍ଲାରେ ପ୍ରତିବର୍ଷ ବହୁଲୋକ ମୃତ୍ୟୁବରଣ କରିଥାନ୍ତି। ଗର୍ଭଧାରୀ ମହିଳା, ହୃଦ ଏବଂ କର୍କଟ ଆଦି ଗୁରୁତର ରୋଗୀଙ୍କ ଅବସ୍ଥା କହିଲେ ନସରେ । ଏକଦିଗରେ ରାଜ୍ୟ ରାଜପଥ ଓ ଅନ୍ୟ ଦିଗରେ ଜାତୀୟ ରାଜପଥ ମଧ୍ୟରେ ଏହି ବ୍ଲକର ସୀମା ହୋଇଥିବାରୁ ଏଠାରେ ଗମନାଗମନ ବସ୍ଥା ମଧ୍ୟ ସନ୍ତୋଷଜନକ ନୁହେଁ। ବାସୀଙ୍କର ଆର୍ଥିକ ଅବସ୍ଥା ମଧ୍ୟ ସ୍ୱଚ୍ଛଳ ନୁହେଁ। ଏହି ଦୃଷ୍ଟିରୁ ମେଡିକାଲ କଲେଜ ପାଇଁ ରଣପୁର ନିକଟ ଚାନ୍ଦପୁର ହିଁ ଜିଲ୍ଲାର ସର୍ବୋତ୍ତମ ସ୍ଥାନ। ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ତଥା ରଣପୁରର ବିଧାୟିକା ସୁରମା ପାଢୀ ଏ ସମ୍ପର୍କରେ ସରକାରୀ ସ୍ତରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଦଳମତ ନିର୍ବିଶେଷରେ ରଣପୁରର ସମସ୍ତ ସଚେତନ ଜନସାଧାରଣ ଏ ପ୍ରସଙ୍ଗରେ ସକ୍ରିୟ ହେବାକୁ ରଣପୁରର ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି।




## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ : ୬୩୭୧୪୧୭୩୬୧

**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର